

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୮ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 JANUARY 2021

Vol.No. 31 ■ No. 26 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରେଳପାଇଁ ୭୨୦୦କୋଟି ଟଙ୍କା ଦାବି କଲା ଓଡିଶା

ଭୁବନେଶ୍ୱର,୨୭।୦୧ (ନି.ପ୍ର): ଚଳିତ ବଜେଟ ରେଳ ପ୍ରକଳ୍ପ ପାଇଁ ଓଡିଶା ୭୨୦୦କୋଟି ଟଙ୍କା ଦାବି କରିଛି। ଏଥିମଧ୍ୟରୁ ପୁରୁଣା ପ୍ରକଳ୍ପ ପାଇଁ ୩୫୦୦ କୋଟି ଓ ନୂଆ ପ୍ରକଳ୍ପ ପାଇଁ ୩୭୦୦କୋଟି ଦାବି କରିଛି ରାଜ୍ୟ। ଏନେଇ କେନ୍ଦ୍ର ସରକାରଙ୍କ ପାଖରେ ଦାବି ଉପସ୍ଥାପନ ହୋଇଛି ବୋଲି ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ ବୁଧବାର କହିଛନ୍ତି। ରେଳ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବାପାଇଁ କେନ୍ଦ୍ରରୁ ଆବଶ୍ୟକ ଅର୍ଥ ପାଇବାକୁ ଆମେ ଯୋଗ୍ୟ। । ଆମର ଅଧିକାର ଅଛି। ଆମର ଆଇନଗତ ଦାବିଗୁଡିକ ପୂରଣ ହେବା ଆବଶ୍ୟକ । କୋଭିଡ୍ - ୧୯ ପ୍ରତିବନ୍ଧକ ସମୟରେ କେନ୍ଦ୍ର ଓଡିଶା ଠାରୁ ଭଲ ପରିମାଣର ଜିଏସଟି ସଂଗ୍ରହ କରିଛି । ଏହି ପୃଷ୍ଠଭୂମିରେ ଆମକୁ ବଜେଟରେ ବିଶେଷ ସୁବିଧା ଦେବା ଉଚିତ ବୋଲି ସାଂସଦ ଶ୍ରୀ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ରାଜ୍ୟର ବିଫଳତା ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ ଏଭଳି ବିବୃତି ପୁରୁଣା ହୋଇଗଲାଣି। ରାଜ୍ୟ ଅନେକ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଏବଂ ପାଣ୍ଠି ଯୋଗାଇ ସାରିଛନ୍ତି।

ସ୍ପେଶାଲ ଡ୍ରାଇଭ୍‌ରେ ଉଦ୍ଧାର ହେଲେ ୮୯୪ ଶିଶୁ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ରାଜ୍ୟରେ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ ୮୯୪ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୯୪ ଜଣ ବାଳକ ଓ ୮୦୦ ଜଣ ବାଳିକା ରହିଛନ୍ତି। ରାଜ୍ୟରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ଗତ ଜାନୁଆରୀ ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଓଡିଶା ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ କରାଯାଇଥିଲା। ନିଖୋଜ ପିଲାମାନଙ୍କ ବିଷୟରେ ରୁଜୁ ହୋଇଥିବା ୮୩୪ ମାମଲା ଆଧାରରେ ଏହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ସ୍ୱତନ୍ତ୍ର ଅଭିଯାନରେ କେନ୍ଦ୍ରାପଡା ଜିଲ୍ଲାର ୧୨୭ ପିଲାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ମୟୁରଭଂଜ ରୁ ୧୧୧ ଏବଂ ବାଲେଶ୍ୱର ଜିଲ୍ଲାରୁ ୮୮ ଜଣଙ୍କୁ ଉଦ୍ଧାର କରିଛି ଓଡିଶା ପୋଲିସ୍। ଏଥିପାଇଁ ବିଭିନ୍ନ ଜିଲ୍ଲା ଏସପିମାନଙ୍କୁ ପୋଲିସ୍ ଡିଜି ଶ୍ରୀ ଅଭୟ ପ୍ରଶଂସା କରିଛନ୍ତି।

୬ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

ଭଦ୍ରକ,୨୭।୦୧ (ନି.ପ୍ର):: ଗତକାଲି ଏସ୍‌ଟିଏଫ୍ ଭଦ୍ରକରୁ ୧ କେଜି ୧୪୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଆଜି ପୁଣି ସହରାଞ୍ଚଳ ଥାନାରୁ ପୁଲିସ ୬୧ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଅଧିକ ଟଙ୍କା ହେବ। ପୁଲିସ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ▶▶ପୃଷ୍ଠା ୭

ଲାଲକିଲ୍ଲା ହିଂସା ପରେ ବିବାଦରେ ପଞ୍ଜାବୀ ଅଭିନେତା ଦୀପ ସିଦ୍ଧୁ

କୃଷକମାନଙ୍କୁ ଉସୁକାଇବା ନେଇ ଆସିଲା ଅଭିଯୋଗ : ପ୍ରଧାନମନ୍ତ୍ରୀ ଓ ଶାହଙ୍କ ସହ ଫଟୋ ଭାଇରାଲ

ନୂଆଦିଲ୍ଲୀ,୨୭।୦୧ (ନି.ପ୍ର): ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ କୃଷକଙ୍କ ହିଂସା ପରେ ବିବାଦ ଘେରକୁ ଆସିଯାଇଛନ୍ତି ପଞ୍ଜାବୀ ଅଭିନେତା ଦୀପ ସିଦ୍ଧୁ । ସେ କୃଷକଙ୍କ ଭିଡକୁ ଲାଲକିଲ୍ଲା ଆଡକୁ ନେଇଥିବା ତାଙ୍କ ବିରୋଧରେ ଅଭିଯୋଗ ଆସିଛି । ଆଉ ପ୍ରତିବାଦକାରୀ ଲାଲକିଲ୍ଲାରେ ପହଂଚିବା ପରେ ହିଁ ବ୍ୟାପିଥିଲା ହିଂସା । ଏପରିକି ଲାଲକିଲ୍ଲାରେ ଶିଖ ସମ୍ପ୍ରଦାୟର ପତାକା ଲଗାଇଥିବା ନେଇ ମଧ୍ୟ ତାଙ୍କ ନାଁ ଉଠିଛି । ସିଦ୍ଧୁଙ୍କ ସହ ଅନ୍ୟ ଜଣେ ଲାଖା ସିଦ୍ଧାନା କୃଷକଙ୍କୁ ଲାଲକିଲ୍ଲା ଆଡକୁ ଯିବାକୁ ଉସୁକାଇଥିବା ଅଭିଯୋଗ ହୋଇଛି । ଲାଲକିଲ୍ଲାରେ ଅଭାବନୀୟ ଘଟଣା ପରେ ବିବାଦରେ ପଡିଥିବା ଦୀପ୍ ସିଦ୍ଧୁ ସଫେଇ ଦେଇଛନ୍ତି । ଦୀପ୍ ସିଦ୍ଧୁ ସେତେବେଳେ ଚର୍ଚ୍ଚାରେ

ଆସିଥିଲେ, ଯେତେବେଳେ ୨୦୧୯ରେ ବିଜେପି ଟିକେଟରେ ପଂଜାବ ଗୁରଦାସପୁରରୁ ନିର୍ବାଚନ ଲଢୁଥିବା ସନ୍ନି ଦେଓଲଙ୍କ ସହ ତାଙ୍କୁ ଦେଖିବାକୁ ମିଳିଥିଲା । ତେବେ ପରେ ପରେ ତାଙ୍କ ସହ ଆଉ କୌଣସି ସମ୍ପର୍କ ରଖିନଥିଲେ ସନ୍ନି ଦେଓଲ । ଏନେଇ ପୂର୍ବରୁ ମଧ୍ୟ ଟ୍ୱିଟ କରି ସଫେଇ ରଖିଥିଲେ । ଏବେ ପୁଣି ଥରେ ଟ୍ୱିଟ କରି ଦୀପ ସିଦ୍ଧୁ କିଏ ସେ ତାଙ୍କୁ ଜାଣି ନାହାନ୍ତି ବୋଲି ଲେଖିଛନ୍ତି ସନ୍ନି ଦେଓଲ । ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ଏକାଧିକ ନଜର ଆସିଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା । ସେପଟେ ଦୀପ୍ ସିଦ୍ଧୁ ବିଜେପିର ଏବଂ ସେ ଜାଣିଶୁଣି ଏପରି କାଣ୍ଡ ଭିଆଇଥିବା ଚାଷୀ ନେତା ରାକେଶ ଟିକାୟତ ଅଭିଯୋଗ କରିଛନ୍ତି ।

ବିନା ଏଣ୍ଟ୍ରାନ୍ସରେ ହେବ ଇଞ୍ଜିନିୟରିଂ ଆଡମିଶନ୍

ଭୁବନେଶ୍ୱର,୨୭।୦୧ (ନି.ପ୍ର): ଇଞ୍ଜିନିୟରିଂ ଆଡମିଶନ୍ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଦେବାକୁ ପଡ଼ିବନି ଓରରା। ଅର୍ଥାତ୍ ଚଳିତ ବର୍ଷ ବିନା ଏଣ୍ଟ୍ରାନ୍ସ ବା ଜେଇଇରେ ଇଞ୍ଜିନିୟରିଂ ଆଡମିଶନ୍ କରିହେବ। ଏ ନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କରୋନାକୁ ଆଖି ଆଗରେ ରଖି ଅଲ୍ ଇଣ୍ଡିଆ କାଉନସିଲ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ (ଇଓଉଞ୍ଚର) ଚଳିତ ବର୍ଷ ଏଣ୍ଟ୍ରି ଲେଭଲ କ୍ୱାଲିଫିକେସନ୍ ସ୍ଥିର କରିଛି। ଏହି ମାନଦଣ୍ଡ ଅନୁଯାୟୀ ଯୁକ୍ତ ଦୁଇରେ ମାଥମେଟିକ୍ସ, ଫିଜିକ୍ସ ଓ କେମିଷ୍ଟ୍ରି ବିଷୟ ଥିବା ବାଧ୍ୟତାମୂଳକ ହେବ। ଏହି ତିନି ବିଷୟରେ ୪୫ ପ୍ରତିଶତ ମାର୍କ ରଖିଥିଲେ ଛାତ୍ରଛାତ୍ରୀ ବିନା ଜେଇଇରେ ବି ଯେକୌଣସି ଇଞ୍ଜିନିୟରିଂ କଲେଜରେ ଆଡମିଶନ ନେଇପାରିବେ। ▶▶ପୃଷ୍ଠା ୭

ଆର୍‌ଡି ଛାତ୍ରୀଙ୍କୁ ହତ୍ୟାକରି ଫିଙ୍ଗିଦେଲେ ଦୁଇ ଯୁବକ !

ଯାଜପୁର/କରଞ୍ଜିଆ,୨୭।୦୧ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ହତ୍ୟାକରି ଯାଜପୁର ଜିଲ୍ଲାରେ ଫିଙ୍ଗିଦେଲେ ଦୁଇ ଯୁବକ। ଆଜି ଏପରି ଅଭିଯୋଗ ଯାଜପୁର ଜିଲ୍ଲାରୁ ଆସିଛି। ଯାହା ସିସିଟିଭିରେ କଏଦ ହୋଇଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୂରା ଘଟଣା ଏମିତି। ଯଶିପୁର ଥାନା ବୃନ୍ଦେଇପୋଷି ଗାଁର ରମାକାନ୍ତ ନାୟକଙ୍କ ଝିଅ ଝରାଫୁଲ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ +୩ ଦ୍ୱିତୀୟ ବର୍ଷର ଛାତ୍ରୀ। କରୋନା ପାଇଁ ହଷ୍ଟେଲ୍ ବନ୍ଦ ଥିବାରୁ ସେ ଘରକୁ ପଳାଇ ଯାଇଥିଲେ। ଗତ ୨୪ ତାରିଖରେ ଝରାଫୁଲ ଭୁବନେଶ୍ୱର ଆସିଥିଲେ। ସେ ତାଙ୍କ ବଡ଼ ଭଉଣୀଙ୍କ ଜନ୍ମଦିନରେ ସାମିଲ ହୋଇଥିଲେ। ତା'ପର ଦିନ ଅର୍ଥାତ ୨୬ ତାରିଖ ସକାଳେ ଝରାଫୁଲ ଘରକୁ ଯାଉଛନ୍ତି ବୋଲି ଫୋନ୍‌ରେ ବାପାଙ୍କୁ କହିଥିଲେ। ମାତ୍ର ସେ ଯାଇନଥିଲେ। ▶▶ପୃଷ୍ଠା ୭

ମାର୍ଚ୍ଚରେ ଅନୁଷ୍ଠିତ ହେବ ୩୧ତମ ରାଜ୍ୟ ଚଳଚ୍ଚିତ୍ର ଓ ୮ମ ଟେଲି ପୁରସ୍କାର ଉତ୍ସବ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ରାଜ୍ୟ ସରକାରଙ୍କ ତରଫରୁ ୩୧ତମ ରାଜ୍ୟ ଚଳଚ୍ଚିତ୍ର ଓ ୮ମ ଟେଲି ପୁରସ୍କାର ଉତ୍ସବ ଆସନ୍ତା ମାର୍ଚ୍ଚ ମାସରେ ଆୟୋଜିତ ହେବ। ଏଥିନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ପୂର୍ବରୁ ବିଜ୍ଞାପନ ପ୍ରକାଶ ପାଇ ଦରଖାସ୍ତ ଗ୍ରହଣ ଶେଷ ତାରିଖ ଫେବୃଆରୀ ୨୦ ରଖାଯାଇଛି । କୋଭିଡ୍ ସକାଶେ ଗତବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପାରିନଥିଲା । ▶▶ପୃଷ୍ଠା ୭

ରାମଚନ୍ଦ୍ର ବେହେରା ପାଇବେ ଅତିବଡ଼ୀ ପୁରସ୍କାର

ଭୁବନେଶ୍ୱର,୨୭।୦୧ (ନି.ପ୍ର): ଚଳିତ ବର୍ଷ ପ୍ରଖ୍ୟାତ କଥାକାର ରାମଚନ୍ଦ୍ର ବେହେରା ୨୦୨୦ ବର୍ଷ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପାଇବେ। ଏଥି ସହିତ ୧୫ ଜଣ ବରିଷ୍ଠ ସାହିତ୍ୟିକଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସମ୍ବର୍ଦ୍ଧିତ ହେବାକୁ ଥିବା ବ୍ୟକ୍ତି ବିଶିଷ୍ଟମାନେ ହେଲେ ଦେବେନ୍ଦ୍ର କୁମାର ଦାଶ, ଗିରିଜା ଶଙ୍କର ଶର୍ମା, ଅଶୋକ କୁମାର ପଟ୍ଟନାୟକ, ବାବାଜୀ ଚରଣ ପଟ୍ଟନାୟକ, ବାଇଧର ସାହୁ, ଜୀବନକୃଷ୍ଣ

ମହାପାତ୍ର, ଦିଗରାଜ ବ୍ରହ୍ମା, ରୁଦ୍ରନାରାୟଣ ପୁଷ୍ଟି, ସୌଭାଗିନୀ ମିଶ୍ର, ସ୍ୱରାଜ୍ୟଲକ୍ଷ୍ମୀ ମିଶ୍ର, କୃପାସିନ୍ଧୁ ନାୟକ, ନିର୍ମଳପ୍ରଭା ନାୟକ, ରାସେଶ୍ୱରୀ ମିଶ୍ର, ରାଧାବିନୋଦ ନାୟକ, ଓ ମହେଶ୍ୱର ମୂଳିଆ। ଏହି ସମ୍ବର୍ଦ୍ଧିତ ତାଲିକାରେ ବାଲେଶ୍ୱର ଜିଲ୍ଲାର କୌଣସି ଲେଖକ ସ୍ଥାନ ପାଇନଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ପାଠକ ବାପା-ପୁଅଙ୍କୁ ମିଳିଲା ଜାମିନ୍ : ଜେଲ୍‌ରୁ ମୁକୁଳିବା ମୁସ୍କିଲ୍

ଭୁବନେଶ୍ୱର,୨୭।୦୧ (ନି.ପ୍ର): ଆୟ ବହିର୍ଭୂତ ସଂପତି ଠୁଳ ମାମଲାରେ ଗିରଫ ହୋଇ ଜେଲ୍ ରେ ଥିବା ନିଲମ୍ବିତ ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକ ଓ ପୁଅ ଆକାଶ ପାଠକଙ୍କୁ ଜାମିନ ମିଳିଛି। ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦେଇନପାରିବାରୁ ବୁଧବାର ଦିନ ଉଭୟ ବାପ ଓ ପୁଅଙ୍କ ଜାମିନ

ମଞ୍ଜୁର କରିଛନ୍ତି ଭିଜିଲାନ୍ସ କୋର୍ଟ। ଉଭୟଙ୍କୁ ଜାମିନ ମିଳିବା ନେଇ ପାଠକଙ୍କ ଓକିଲ ଅରୂପ ଚାନ୍ଦ ସୂଚନା ଦେଇଛନ୍ତି। ଭିଜିଲାନ୍ସ କେସରେ ଉଭୟଙ୍କୁ ଜାମିନ ମିଳିଥିଲେ ମଧ୍ୟ କ୍ରାଇମବ୍ରାଂଚ ମାମଲା ରହିଛି। ତେଣୁ ଉଭୟଙ୍କୁ ଏବେ ବି ଜେଲ୍ ରେ ରହିବାକୁ ପଡିବ। ▶▶ପୃଷ୍ଠା ୭

ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଲାଗି 'ପରୀକ୍ଷା ଦର୍ପଣ' ଉନ୍ମୋଚିତ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଲାଗି ସହାୟକ ପୁସ୍ତିକା 'ପରୀକ୍ଷା ଦର୍ପଣ' ବୁଧବାର ଦିନ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ଅନୁଷ୍ଠାନ ପରିସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ୭୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତିକାଟି ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଦେବାରେ ସହାୟକ

ହେବ। ପ୍ରଥମ ପର୍ଯ୍ୟାୟରେ ବୁଧବାର ରାଜ୍ୟର ଉପାନ୍ତ ଜିଲ୍ଲା ନୂଆପଡ଼ା, ମାଲକାନାଗିରି, ନବରଙ୍ଗପୁର ଓ ▶▶ପୃଷ୍ଠା ୭

ଉନ୍ମୋଚିତ ହେଲା 'ସାଗରିକା'ର ନୂଆବର୍ଷ ସଂଖ୍ୟା

ବାଲେଶ୍ୱର,୨୭।୦୧ (ନି.ପ୍ର): ସାହିତ୍ୟପତ୍ରିକା ସାଗରିକାର ନୂଆବର୍ଷ ୨୦୨୧ସଂଖ୍ୟାର ଆନୁଷ୍ଠାନିକ ଉନ୍ମୋଚନ ଏକ ନିରାଡ଼ମ୍ବର ପରିବେଶ ମଧ୍ୟରେ ଦୈନିକ 'ଧ୍ୱନିପ୍ରତିଧ୍ୱନି' ଓ ସାଗରିକା କାର୍ଯ୍ୟାଳୟରେ ପବିତ୍ର ସାଧାରଣତନ୍ତ୍ର ଦିବସ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଡ.ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏସୋସିଏଟ୍ ପ୍ରଫେସର୍ ଡ.ଦେବାଶିଷ ପାତ୍ର, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା, ମୋତିଗଞ୍ଜ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ

ପରିଚାଳକ କବି ଶ୍ରୀମତୀ ଚନ୍ଦନା ସାହୁ, ଦୈନିକ ସମାଜର ସମ୍ପାଦନା ବିଭାଗ ମୁଖ୍ୟ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଚଳିତ ସଂଖ୍ୟାକୁ ଉନ୍ମୋଚନ କରି ପତ୍ରିକାରେ ସ୍ଥାନ ପାଉଥିବା ଉଚ୍ଚକୋଟୀର ଲେଖା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷତଃ ପତ୍ରିକାର ସମ୍ପାଦକୀୟକୁ ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଏକ କାହାଣୀ ମଧ୍ୟ ଦେଇ ଯେଉଁ ଉପସ୍ଥାପନ କରନ୍ତି ତାହା ପାଠକର ହୃଦୟକୁ ସଦାବେଳେ ସ୍ପର୍ଶ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କଣ୍ଟଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶନୀ ଭଜନ ପରିବେଷଣ କରିଥିଲେ । ପତ୍ରିକାର ପରିଚାଳନା ନିର୍ଦ୍ଦେଶକ ତଥା ପ୍ରକାଶକ, ଔପନ୍ୟାସିକ ସୃଷ୍ଟିଧର ପରିଡ଼ା ଦୀର୍ଘ ୩୦ବର୍ଷର ସାଗରିକା ସାହିତ୍ୟ ପତ୍ରିକା ସମ୍ପାଦନାର ସ୍ମୃତି ରୋମନ୍ଥନ କରିଥିବା ବେଳେ ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ସମ୍ପାଦକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ ।

କାଲିଠୁ ସବୁ ଜିଲ୍ଲାରେ ଟିକାକରଣ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ରାଜ୍ୟରେ ୧ ଲକ୍ଷ ୭୭ ହଜାର ୯୦ ଜଣଙ୍କୁ କରୋନା ଟିକା ଦିଆଯାଇଛି । ଆଜି ଭୁବନେଶ୍ୱରର ୧୧ଟି ସ୍ଥାନରେ ୨,୩୬୦ ଜଣଙ୍କୁ ଟିକା ଦିଆଯିବ। କାଲିଠୁ ସମସ୍ତ ଜିଲ୍ଲାରେ ପୁଣି ଟିକାକରଣ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଟିକାକରଣରେ ରାଜ୍ୟରେ ଏଯାଏଁ ମୃତ୍ୟୁ ହୋଇନାହିଁ । ଟିକା ନେଇ ନୂଆପଡାରେ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଥିଲା । ଶବ ବ୍ୟବଚ୍ଛେଦ ପରେ ଏହା ଟିକାକରଣ ଜନିତ ମୃତ୍ୟୁ ହୋଇନଥିବା ସ୍ପଷ୍ଟ ହୋଇଛି । ଟିକା ନେବାପରେ ୧୯ ଜଣଙ୍କ ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି।

ଜଳେଶ୍ୱର ଷ୍ଟାଡିୟମରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଜଳେଶ୍ୱର,୨୭।୧ (ନି.ପ୍ର): ଚଣ୍ଡିପାଠ ଠାରୁ ଜୋତା ସିଲେଇ କରୁଥିବା ସମାଜର ସବୁ ବର୍ଗର ଲୋକଙ୍କୁ ସାଧାରଣତନ୍ତ୍ର ଦିବସର ଉଦ୍ଦେଶ୍ୟ ହେଉ ବୋଲି ଆଜି ମଂଗଳବାର ଜଳେଶ୍ୱର ଷ୍ଟାଡିୟମରେ ଅନୁଷ୍ଠିତ ଉତ୍ସବରେ ବକ୍ତମାନେ ମତବ୍ୟକ୍ତ କରିଛନ୍ତି । କୋଭିଦି-୧୯ ନିୟମ ଅନୁଯାୟୀ ଏଠାରେ ଅନୁଷ୍ଠିତ ହୋଇଥିବା ବ୍ଲକ ସ୍ତରୀୟ ସାଧାରଣତନ୍ତ୍ରୀ ଦିବସ ପାଳନ ପରିପ୍ରେକ୍ଷୀରେ ଶତାୟୁ ପୁରୁଷ ସ୍ୱାଧିନତା ସଂଗ୍ରାମୀ ପୂର୍ଣ୍ଣ ଚନ୍ଦ୍ର ସେନାପତି ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଏପିଡି ତଥା ପୌରପ୍ରଶାସକ ନିଲୁ ମହାପାତ୍ର ଯୋଗ ଦେଇ ଜଳେଶ୍ୱରରେ ଏପରି ସାର୍ବଜନୀନ କାର୍ଯ୍ୟଲାଗି ଷ୍ଟାଡିୟମହିଁ ଉପଯୁକ୍ତ ସ୍ଥାନ ବୋଲି କହିଥିଲେ । ଏଥିନିମନ୍ତେ ପୌରପରିଷଦରେ ସଂକଳ୍ପନାମା ଗୃହିତ କରିବେ ବୋଲି ମତବକ୍ତ କରିଥିଲେ । ସମ୍ମାନୀତ ଅତିଥିଭାବେ ଜଳେଶ୍ୱର ବିଡିଓ ଦିପ୍ତିରଂଜନ ସେଠୀ ଯୋଗ ଦେଇ ଏପରି ଜାତୀୟ କାର୍ଯ୍ୟ ଆୟୋଜନ କରିଥିବା ଆୟୋଜକ ମାନଙ୍କୁ ସାଧୁବାଦ ଦେବା ସହିତ ଭାରତର ସମ୍ବିଧାନ ପୃଥିବୀର ସବୁଧାରୁ ବଡ ସମ୍ବିଧାନ ବୋଲି ମତବ୍ୟକ୍ତ କରିଥିଲେ । ଜଳେଶ୍ୱର ଆଇଆଇସି ମାନସ କୁମାର ଦେଓ ଯୋଗ ଦେଇ ସାଧାରଣତନ୍ତ୍ର ଦିବସରେ ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟ ସଂପର୍କରେ ସଚେତନ ରହିବାକୁ ଶପଥ ନେବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବିଜେଡି ନଗର ସଭାପତି ସୁରଜିତ ଘୋଷ, ବିଜେପି ନଗର ସଭାପତି ଫାଲ୍ଗୁନୀ ପାଣିଗ୍ରାହୀ ପ୍ରମୂଖ ଯୋଗ ଦେଇ ଉପାନ୍ତ ଜଳେଶ୍ୱର ଏକ ଭାଇଚାରାର ଅଂଚଳ ହୋଇ ସାରା ଦେଶକୁ ବାର୍ତ୍ତ ଦେଉ ବୋଲି କହିଥିଲେ । ସାଧାରଣତନ୍ତ୍ର ଦିବସ ଉତ୍ସବର ସଭାପତି ତଥା ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଏହି ଉତ୍ସବରେ ସଭାପତିତ୍ୱ କରି ଜଳେଶ୍ୱର ବ୍ଲକ ଏବଂ ପୌରପରିଷଦର ବିଭିନ୍ନ ସ୍ଥାନରେ ସାମୁହିକ କାର୍ଯ୍ୟକ୍ରମ କରାନଯାଇ ସବୁବର୍ଗର ଲୋକଙ୍କୁ ନେଇ ଗୋଟିଏ ସରକାରୀସ୍ଥାନରେ ଏପରି କାର୍ଯ୍ୟ କରାଯିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ବିଭିନ୍ନ ଲୋକବାଦ୍ୟର ତାଳେ ତାଳେ ବ୍ଲକର ବିଭିନ୍ନ କରୋନାଯୋଦ୍ଧା, ସର୍ବଶ୍ରେଷ୍ଠ ସେବା ଯୋଗାଇଥିବା ବ୍ୟକ୍ତିତ୍ୱ, ଆଦର୍ଶ କର୍ମଚାରୀମାନଙ୍କୁ ସମ୍ମାନୀତ କରାଯାଇଥିଲା । ବ୍ଲକର ଅଗ୍ନିସେବାସମ ବିଭାଗକୁ, ପୌରପରିଷଦର ପ୍ରଶାସକଙ୍କୁ, ଗୋଷ୍ଠିଉନ୍ନୟନ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ଆଇଆଇସି ମାନସ କୁମାର ଦେଓ, ବ୍ଲକ ସେକ୍ସସନ ଅଫିସର ଅଧିର ପ୍ରମାଣିକ, ଆସିଡିଏସ୍ ପରିଦର୍ଶୀକା ସଂଚୟିତା ସାମାନ୍ତ, ଅଂଗନୱାଡି କର୍ମୀ ମିତାଲିଦାସ, କୁନ୍ତଳା ପାତ୍ର, ଆସିଡିଏସ୍ କର୍ମଚାରୀ ମୀନା ସିଂ, ଜଳସେଚନ ବିଭାଗର ମଧୁସୂଦନ ଦେ, ଆଦର୍ଶ ଶିକ୍ଷକ ସତ୍ୟରଂଜନ ଦାସ, ମନୋରଂଜନ ଦାସ, ଜୀବନବିମା ନିଗମର ଭାଷ୍କର ଚନ୍ଦ୍ର ମିଶ୍ର, ସହପ୍ରଶାସନୀକ ଅଧିକାରୀ ରଂଜିତ ଦାସ, ଶ୍ରେଷ୍ଠ ଆଶା କର୍ମୀ ପୁଷ୍ପାଞ୍ଜଳୀ ଟୁଡୁ, ଶ୍ରେଷ୍ଠ କୃଷକ ସୁଦାମ ପାତ୍ର, ଅନୀଲ ମହାନ୍ତି ଓ କୃଷି କର୍ମଚାରୀ ରତିକାନ୍ତ ମହାନ୍ତି, କରୋନାଯୋଦ୍ଧା ହେମନ୍ତ ଜେନା ଓ ମରଣୋତ୍ତର ଭାବେ ମାନସ ପାଠ. ଜୋତା ତିଆରୀ କୁଟୀରଶିଳ୍ପୀ ଶଂକର ରାମ, ଲୋକକଳାର ସାଧିକା ରିନାରାଣୀ ରାଉଳ, ସମାଜସେବୀ ରବିନ୍ଦ୍ର ବାରିକ, ଶ୍ରେଷ୍ଠ ରକ୍ତଦାନ ଶିବିର ଆୟୋଜକ ସେକ୍ ସାଜନ୍, ଶ୍ରମିକ ନେତା ଲକ୍ଷ୍ମୀକାନ୍ତ ଦାସ, ସମାଜସେବୀ ଚନ୍ଦନ ଦାସ, ସଂଜିବ ସେନାପତି, ଚଣ୍ଡିପାଠ ଲାଗି ଅଜିତ୍ ନନ୍ଦ, ସ୍ୱୟଂ ସାହାୟିକା ଗୋଷ୍ଠୀ ନେତ୍ରୀ ଦେବଯାନୀ ଅଣ୍ଡିଆ, ଜନସ୍ୱାସ୍ଥ୍ୟ ବିଭାଗର ଅଶୋକ ପରିଡା, ଦିପେନ୍ କୁମାର ନନ୍ଦ, ବଳରାମ ଭଂଜ ସହିତ ସିଦ୍ଧେଶ୍ୱର ସ୍ୱୟଂ ସହାୟିକା ଗୋଷ୍ଠି, ମେ ଆଇ ହେଲ୍ପ ୟୁ, ହେଲ୍ପ ଫର ୟୁ, ନବଜ୍ୟୋତି କ୍ଲବ, ପଦ୍ମଲୋଚନ ବେହେରା ଏବଂ ସହକର୍ମୀ ଗୋଷ୍ଠୀ, ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ ପ୍ରଭୃତି ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପଂଚାୟତରୁ ଆସିଥିବା କଳାକାର ଗୋଷ୍ଠୀ ଖୁଆର୍ଡର କୀର୍ତ୍ତନ ଅକ୍ଷୟ ଗାନ୍ଧି, ମୁଣ୍ଡତୁଣିଆର ବ୍ୟାଣ୍ଡ ବରେନ୍ଦ୍ର ଘଡେଇ, ଖଣାବାର୍ଡର ପାଲା ଗାୟକ ଉଦୟ ସାହୁ, ଉଲ୍‌ମରାର ଚାଙ୍କୁ ବାଦକ ଅଭିମନ୍ୟୁ ଦେହୁରୀ, ମାକିଡିଆର ଲୋକକଳା ବିଭିଷଣ ବର୍ଷାଳ, ମ୍ୟାଜିକ୍‌ମେନ୍ ସେକ୍ ମୁର୍‌ସେଦ୍, କୁଅଁରପୁରର ଲୋକକଳା ଗୌରାଙ୍କ ପାଳ, ମାକିଡିଆର ସଂକିର୍ତ୍ତନ ଦେବେନ୍ଦ୍ର ଦାସ, ଗୋବରଘଟାର ଆଦିବାସୀ ନୃତ୍ୟ ବିନ୍ଦୁ ଚାନ୍ଦନ, ଖୁଲୁଡା ଲୋକକଳାର ରଘୁନାଥ ଜେନା, ଆର୍‌ଆର୍‌ପୁରର ଜଗଦୀଶ ବେହେରା, ନାମ୍ପୋ ଲୋକକଳାର ରିନାରାଣୀ ରାଉଳ, ବେଦପଣ୍ଡିତ ଅଜିତ୍ ନନ୍ଦୀ ଏବଂ ତାଙ୍କ ସାଥିମାନଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭିକ ଓଡିଶୀ ନାଚ ପ୍ରଜ୍ଞାପାରମିତା ପ୍ରଧାନ କରିଥିବା ବେଳେ ଅଭ୍ୟର୍ଥନା କମିଟିର ସଭାପତି ଅନନ୍ତ ଦାସ ସଂଯୋଜନା କରିବା ସହିତ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ଆବାହକ ମନୋରଂଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ଦଳଗତ ନିର୍ବିଶେଷରେ ସମସ୍ତେ ଏଠାରେ ଯୋଗ ଦେଇ ସାଫଲ୍ୟ ମଣ୍ଡିତ କରିଥିବାରୁ ସମସ୍ତଙ୍କ ପାଇଁ ଏହା ଉଦାହରଣ ହୋଇ ରହିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଶାନ୍ତ କୟାଲ, ପ୍ରଶାନ୍ତ ପ୍ରଧାନ, ଅଂଜଳୀ ଗିରି, ତୃପ୍ତି ମହାନ୍ତି, ଲକ୍ଷ୍ମୀପ୍ରିୟା ଦାସ, ରିତାରାଣୀ ଦାସ, ତାରକ ଜେନା, ତପନ ବିଶ୍ୱାଳ, ମାନସ ପ୍ରଧାନ, ଅକ୍ଷୟ ପାତ୍ର ଓ ନବଜ୍ୟୋତି କ୍ଲବର ସଦସ୍ୟ ତଥା ଶାନ୍ତିଆ ଗ୍ରାମବାସୀ ସହଯୋଗ କରିଥିଲେ ।

ସୁବ୍ରତ ବିଶ୍ୱାଳ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ମନୋନୀତ

ଭଦ୍ରକ,୨୭।୧ (ନି.ପ୍ର): ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ବିଜେପି ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ ଯୁବମୋର୍ଚ୍ଚା ଟିମ ଘୋଷଣା କରିଛନ୍ତି । ଏହି ତାଲିକାରେ ଭଦ୍ରକ ଜିଲ୍ଲାର ଯୁବନେତା ସୁବ୍ରତ ବିଶ୍ୱାଳଙ୍କୁ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ମହାବିଦ୍ୟାଳୟରେ ନିଜର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଛାତ୍ର ଓ ଯୁବବର୍ଗଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟିକରି ଦଳକୁ ଆଗେକୁ ଆଗେଇ ନେବାରେ ସେ ସକ୍ଷମ ହେବେ ବୋଲି ଦଳ ପକ୍ଷରୁ ତାଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଏଭଳି ଗୁରୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲା ତଥା ରାଜ୍ୟର ତୃଣମୂଳ ସ୍ତରରେ ଯୁବକମାନଙ୍କୁ ଏକତ୍ରିତ କରି ସଂଗଠନକୁ ଆହୁରି ସୁଦୃଢ଼ କରାଯିବାକୁ ସେ ଉଦ୍ୟମ କରିବେ ବୋଲି କହିବା ସହ ଯୁବମୋର୍ଚ୍ଚା ସଭାପତି ଶ୍ରୀ ଆଚାର୍ଯ୍ୟ, ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ ତଥା ଭଦ୍ରକ ଜିଲ୍ଲା ପ୍ରଭାରୀ ତଥା ବିଜେପି ରାଜ୍ୟ ସଂପାଦକ କାଳନ୍ଦୀ ସାମଲଙ୍କୁ ସେ ତାଙ୍କର କୃତଜ୍ଞତା ଜଣାଇଛନ୍ତି ।

ଚିତ୍ତବିନୋଦନ କେନ୍ଦ୍ର ଉଦ୍‌ଘାଟିତ

ଜୟପୁର,୨୭।୧ (ନି.ପ୍ର): ଜୟପୁର ସହରରେ ସକାଳ ଓ ସନ୍ଧ୍ୟାରେ ବୁଲିବା ସହ ବ୍ୟାୟାମ କରିବା ପାଇଁ ଏବଂ ଚାରି ଚକିଆ ଯାନ ରଖିବା ପାଇଁ ଚିତ୍ତବିନୋଦନ କେନ୍ଦ୍ରର ଶୁଭାରମ୍ଭ ହୋଇଛି । ଜୟପୁର ପୌରପାଳିକା ଅନ୍ତର୍ଗତ ଗେଡ଼ସାହି ନିକଟରେ ଏକ ଚିତ୍ତବିନୋଦନ କେନ୍ଦ୍ର ଉଦ୍ ?ଘାଟିତ ହୋଇଯାଇଛି । ଏଥିରେ କୋରାପୁଟ ଜିଲ୍ଲାପଳ ମଧୁସୂଦନ ମିଶ୍ର, ବିଧାୟକ ତାରାପ୍ରସାଦ ବାହିନୀପତି, ଉପଜିଲ୍ଲାପାଳ ହେମକାନ୍ତ ସୟ, ପିଡି ଡିଆରଡିଏ ପ୍ରବିର କୁମାର ନାୟକ ଓ ଖଣ୍ଡୀୟ ବନ ଅଧିକାରୀ ଏନ୍.ଏସ୍ ଜେପି ସିଂ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି । ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଉଦ୍ୟାନରେ ପିଲାମାନେ ଖେଳିବା ସହ ପାଦଚଲା ରାସ୍ତା ମଧ୍ୟ ନିର୍ମାଣ କରାଯାଇଛି । ମୁକ୍ତାକାଶ ବ୍ୟାୟାମଶାଳା ମଧ୍ୟ ଉପଲବ୍ଧ ରହିଛି । ଆଗାମୀ ଦିନରେ ଏଠାରେ ପୁସ୍ତକ ମେଳା, ସ୍ଥାନୀୟ କଳାକାରଙ୍କ ଦ୍ୱାରା ଲୁକ୍କାୟିତ ପ୍ରତିଭାକୁ ବାହାରକୁ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିସହ ବିଭିନ୍ନ ଖାଦ୍ୟ ବିକ୍ରି ପାଇଁ 'ଖାଓ ଭେଲି' ମଧ୍ୟ ଆରମ୍ଭ କରାଯିବ । ଏଠାରେ ଲୋକମାନେ ଚାରିଚକିଆ ଯାନ ରଖି ମୁଖ୍ୟ ରାସ୍ତାକୁ ନିଜ ନିଜ କାର୍ଯ୍ୟରେ ଯିବେ । ଯାହାଫଳରେ ମୁଖ୍ୟ ସଡ଼କରେ ଟ୍ରାଫିକ ନିୟନ୍ତ୍ରଣ ହୋଇପାରିବ । ଯେଉଁମାନେ ଏଠା ?ରେ ଗାଡ଼ି ରଖିଥିବେ ସମାନଙ୍କୁ ଗୋଟିଏ ଟୋକେନ୍ ମିଳିବ ଯାହାକୁ ଦେଖାଇ ମାଗଣାରେ ଅଟୋରେ ବଜାରକୁ ଯିବେ ଓ ଗାଡ଼ି ପାଖକୁ ଫେରିପାରିବ ।

ହେଲ୍‌ମେଟ ପିନ୍ଧା ଆରୋହୀଙ୍କୁ ଫୁଲଚାରା

କବାଟବନ୍ଧ,୨୭।୧ (ନି.ପ୍ର): ସାରା ଦେଶରେ ସଂପ୍ରତି ୩୨ ତମ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି । ଏହି ଅବସରରେ ଆଜି ପୂର୍ବାହ୍ନରେ ଜେନାପୁର ପୁଲିସ ଓ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚଣ୍ଡିଖୋଲ-ଢୁବୁରି ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ୍ ନିକଟରେ ସଡ଼କ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା । ମଞ୍ଚର ଆବାହକ ପଙ୍କଜ କୁମାର ମଲ୍ଲଙ୍କ ଅଧକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜେନାପୁର ଥାନା ଆଇଆଇସି ଆଶିଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟ୍ରାଫିକ୍ ନିୟମ ପାଳନ କରିବାକୁ କହିଥିଲେ । ମଞ୍ଚର ଉପଦେଷ୍ଟା ପରମାନନ୍ଦ ସାହୁ, ଅଭିମନ୍ୟୁ ନାୟକ, ଆବାହକ ସରୋଜକାନ୍ତ ବେହେରା ତଥା ସଭ୍ୟ ତପନ ମଲ୍ଲ ଯୋଗଦେଇଥିଲେ । ସଭ୍ୟ ମହେଶ୍ୱର ପାତ୍ର ଟ୍ରାଫିକ ନିୟମ ମାନି ଚଳିବା ପାଇଁ ଶପଥପାଠ କରାଇଥିଲେ । ରାସ୍ତାରେ ବାଇକ୍‌ରେ ଦୁଇଟି ହେଲମେଟ ପିନ୍ଧି ଯାଉଥିବା ଆରୋହୀଙ୍କୁ ଫୁଲଚାରା ପ୍ରଦାନ କରାଯାଇଥିଲା । ସଚେତନ ନାଗରିକ ମଞ୍ଚର ବରିଷ୍ଠ ସଦସ୍ୟ ସୌମ୍ୟରଂଜନ ପଣ୍ଡା, ସନ୍ତୋଷ ରାଉତ, ସୌମ୍ୟରଂଜନ ସାହୁ, ଶକ୍ତିପ୍ରସାଦ ସାମନ୍ତ, ବାବୁଲି ରାଉତ, କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ ।

ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ

ଜଳେଶ୍ୱର,୨୭।୧ (ନି.ପ୍ର): ମଂଗଳବାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାବପଂଚାୟତ ପଡିଆରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଆପୋଲ କ୍ଲିନିକ୍ ସହାୟତାରେ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ଓ ଇନରହୁଇନଲ କ୍ଲବ ଅଫ ସୁବର୍ଣ୍ଣରେଖା , ରାଇବଣିଆ ପକ୍ଷରୁ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୧୩୭ଜଣ ରୋଗୀ ଚିକିତ୍ସିତ ହୋଇଥିବା ଜଣାଯାଇଛି । ଚକ୍ଷୁ, ଦାନ୍ତ, ଭେଷଜ, ସ୍ତ୍ରୀରୋଗ, ମଧୁମେହ, ରକ୍ତଚାପ ପ୍ରଭୃତିରେ ବିଶେଷଜ୍ଞ ଓ ଟେକ୍‌ନିସିଆନ୍‌ମାନେ ଆସି ଚିକିତ୍ସିତ କରିବା ସହିତ ପରୀକ୍ଷା ନିରୀକ୍ଷା ମଧ୍ୟ କରିଛନ୍ତି । ଏଥିରେ ଡ. ସଂଗ୍ରାମ ସାହୁ, ଡ. ସୁପ୍ରିୟା ଦାସ, ଡ. ଲକ୍ଷ୍ମୀଧର ରାଉତ, ଟେକ୍‌ନିସିଆନ୍ ଶ୍ରୀଧର ରାଉଳ ପ୍ରମୂଖ ଯୋଗ ଦେଇଥିବା ବେଳେ ଜଳେଶ୍ୱର ଥାନା ଆଇ.ଆଇ.ସି ମାନସ କୁମାର ଦେଓ ଓ ଆପୋଲ ହସ୍‌ପିଟାଲର ମୁଖ୍ୟ ଅଭିଷେକ ନନ୍ଦୀ ମିଳିତଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ସଂଗଠନର ସଭାପତି ଅଜିତ୍ କୁମାର ମହାନ୍ତି, ସଂପାଦକ ସୂନୀଲ କୁମାର ନାୟକ, ଅଜିତ୍ କୁମାର ମହାନ୍ତି, କୁଂଜବିହାରୀ ପ୍ରଧାନ, ନୀଳକଣ୍ଠ ଖଣ୍ଡା, ସୁକୁମାର ରଣା, ଶ୍ୟାମଚରଣ ଦାସ, ମନସ କୁମାର ପାଠୀ, ଆରତୀ ଦାସ, ମଧୁଛନ୍ଦା ମହାନ୍ତି ଙ୍କ ସହିତ ସରୋଜ ପାଣିଗ୍ରାହୀ, ସତ୍ୟମୟ ଆଚାର୍ଯ୍ୟ, ଆନନ୍ଦିତା ଦାସ ପ୍ରମୁଖ ସହାୟତା କରିଥିଲେ ।

ସାଧାରଣତନ୍ତ୍ର ଦିବସରେ ପାଠ୍ୟସାମଗ୍ରୀ ଓ କମ୍ବଳ ବାଣ୍ଟିଲେ ସ୍ୱେଚ୍ଛାସେବୀ ସଂଗଠନ

ଜଳେଶ୍ୱର,୨୭।୧ (ନି.ପ୍ର): ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜଳେଶ୍ୱର ବ୍ଲକ ଖୁଲୁଡା ପଂଚାୟତ ଅଧିନ ଅସୁରଡିହାରେ ହେଲପ ଫର ୟୁ ଫାଣ୍ଡେସନ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଜୋତା, ପାଠ୍ୟସାମଗ୍ରୀ ଓ ଶୁଖିଲା ଖାଦ୍ୟ ବାଣ୍ଟିଥିବା ବେଳେ ଗରିବ ବୃଦ୍ଧ, ବୃଦ୍ଧାମାନଙ୍କୁ କମ୍ବଳ ବାଣ୍ଟିଥିବା ଜଣାଯାଇଛି ।ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ଆଇଆଇସି ମାନସ କୁମାର ଦେଓ ଉଦ୍‌ଘାଟନ କରିଥିବା ବେଳେ ସଭାପତି ମାନସ ରଂଜନ ଧଳ, ସୁବାସ ମାନସ ରଂଜନ ରାଉଳ, ପ୍ରଶାନ୍ତ କୁମାର ବେହେରା, ଅମିତ ପ୍ରଧାନ, ବିଶ୍ୱଜିତ୍ କରଣ, କେଦାର ନାଥ ଗିରି, ତପନ ଦେ, ମହାପ୍ରସାଦ ପାତ୍ର, ଦେବରଂଜନ ଦାସ, ରହିଚନ୍ଦନ ଦେ, ରଂଜନ ଜେନା, ନଗେନ୍ଦ୍ର ବାରିକ, ତପନ କୁମାର ଧର, ଦେବି ଦାସ ପଣ୍ଡା, ଦିପ୍ତିରାଣୀ ଧଳ, ସୈବ୍ୟ ପରିଡା, ନିବେଦିତା ଧଳ, ସସ୍ମିତା ଧଳ, ସୁଜାତା ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

ପୁଣି ବିଗିଡ଼ିଲା ସୌରଭ ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟ : ହସ୍ପିଟାଲରେ ହେଲେ ଭର୍ତ୍ତି

ନୂଆଦିଲ୍ଲୀ,୨୭।୧ (ନି.ପ୍ର): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲିଙ୍କ ସ୍ୱାସ୍ଥ୍ୟ ପୁଣି ବିଗିଡ଼ି ଯାଇଛି । ତାଙ୍କୁ କୋଲକାତା ଆପୋଲୋ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେଠାରେ ଡାକ୍ତର ତାଙ୍କ ଚିକିତ୍ସା ଜାରି ରଖିଛନ୍ତି । କିଛିଦିନ ପୂର୍ବରୁ ଅର୍ଥାତ ଜାନୁଆରି ୨ ତାରିଖରେ ସକାଳେ ଜିମରେ ବ୍ୟାୟାମ କରୁଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ଗାଙ୍ଗୁଲି । ଏହାପରେ ତାଙ୍କୁ କୋଲକାତାର ଉଡଲ୍ୟାଣ୍ଡସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା । ଆଞ୍ଜିଓପ୍ଲାଷ୍ଟି କରାଯିବା ପରେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା କଥା ଡାକ୍ତର ସୂଚନା ଦେଇଥିଲେ । ତେବେ ତାଙ୍କର ଆର୍ଟେରି ବ୍ଲକେଜ ରହିଥିବା ହେତୁ ଏଭଳି ସମସ୍ୟା ଦେଖା ଦେଇଥିବା ଡାକ୍ତରମାନେ ସେ ସମୟରେ କହିଥିଲେ । ବିଶେଷକରି ଆଞ୍ଜିଓପ୍ଲାଷ୍ଟି ରିପୋର୍ଟରୁ ତାଙ୍କ ହୃତ୍‌ପିଣ୍ଡରେ ତିନିଟି ବ୍ଲକେଜ୍ ହୋଇଯାଇଥିବା ଜଣାପଡ଼ିଥିଲା । ସେ ସଂପୂର୍ଣ୍ଣ ବିପଦମୁକ୍ତ ବୋଲି ଡାକ୍ତରମାନେ କହିଥିଲେ ।

କାର ଜାଳି ଦେଲେ ଦୁର୍ବୃତ୍ତ : ପୂର୍ବ ଶତ୍ରୁତା ସନ୍ଦେହ



ବଅଁରପାଳ,୨୭।୧ (ନି.ପ୍ର): ଅନୁଗୁଳ ଜିଲ୍ଲା ବଅଁରପାଳ ବ୍ଲକ ନାଲକୋନଗର ଥାନା ନାଲକୋ କଲୋନି ମଧ୍ୟରେ ଥିବା ବ୍ୟାଚଲର ହଷ୍ଟେଲ ପରିସରରେ ଦୁର୍ବୃତ୍ତମାନେ ଏକ ଅଲୋଟ କାରକୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାଳି ଦେଇଥିବା ଜଣାପଡିଛି । କାର ମାଲିକ ରସାନନ୍ଦଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଏକ ମାତୃତି ଅଲୋଟ କାର କିଛି ଅଂଶ ପୋଡ଼ି ଯାଇଥିବା ବେଳେ ଅନ୍ୟ ଦୁଇଟି କାର ବର୍ତ୍ତି ଯାଇଛି । ଆଜି ସକାଳ ଭୋର ପ୍ରାୟ୪:୩୦ସମୟରେ ଏହି ଅଘଟଣ ଘଟିଛି । ଅନୁଗୁଳ ଜିଲ୍ଲା ନାଲକୋ ଥାନା ଅନ୍ତର୍ଗତ ନାଲକୋ ବ୍ୟାଚଲର ହଷ୍ଟେଲ ରହୁଥିବା ଘରୋଇ ଏସ ଆଇ ଏସ ସୁରକ୍ଷା ସଂସ୍ଥାରେ କାମ କରନ୍ତି ରସାନନ୍ଦ ନାଏକ । ରସାନନ୍ଦ କହିବା ଅନୁଯାୟୀ ତାଙ୍କ ପଡୋଶୀ ସକାଳୁ ଫୁଲ ତୋଳିବା ପାଇଁ ଆସିଥିଲେ ଏହି ସମୟରେ କାର ଜଳୁଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ସେମାନେ ତାଙ୍କୁ ଏନେଇ ଖବର ଦେଇଥିଲେ । ନିଆଁକୁ ଆୟତ୍ତ କରିବା ସହିତ ସେ ନାଲକୋ ଥାନାକୁ ଫୋନ କରିଥିଲେ । ନାଲକୋ ଥାନା ପୁଲିସ ପହଞ୍ଚ

ସୁସ୍ଥ ରହିବାକୁ ଚାହୁଁଥିଲେ...



ଏକ ଉତ୍ତମ ତଥା ସୁସ୍ଥ ଜୀବନଶୈଳୀ ନିମନ୍ତେ ଖାଦ୍ୟପାନୀୟ ସହିତ ଅନ୍ୟ କେତେକ ଦିଗ ପ୍ରତି ମଧ୍ୟ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞଙ୍କ ମତ । ନିୟମିତ ଭାବେ ପ୍ରଥମେ ଘରେ ବ୍ୟାୟାମ, ପ୍ରାଣାୟମ, ଯୋଗ ଅଭ୍ୟାସ କରନ୍ତୁ । ଜିମ୍ ଯିବାକୁ ବେଳ ନଥିଲେ ବ୍ୟତିବ୍ୟସ୍ତ ନ ହୋଇ ଦିନଚର୍ଯ୍ୟା ଆରମ୍ଭ କରନ୍ତୁ ।

ଆଲିକାଲି ୟୁ-ଟ୍ୟୁବ୍ ସହାୟତାରେ ଘରେ ରହି ମଧ୍ୟ ଏରୋବିକ୍ସ କରିପାରିବେ । ଓଜନ ନିୟନ୍ତ୍ରଣ ସହ ମେଦ ବୃଦ୍ଧି ନ ହେବା ନିମନ୍ତେ ଏହା ଏକ ଉତ୍ତମ ମାଧ୍ୟମ ଅଟେ ।

ଘର କାମ ନିଜେ କରନ୍ତୁ ଯେପରି ଓଳାଇବା, ପୋଛିବା, ସଫାସଫି କରିବା ଇତ୍ୟାଦି । ଏସବୁ ମଧ୍ୟ ଏକପ୍ରକାରର ବ୍ୟାୟାମ ଅଟେ । ପୂର୍ବେ ଲୋକେ ନିଜେ ଏସବୁ କାମ କରି ସୁସ୍ଥ ରହିବା ସହ ସେମାନଙ୍କର ଓଜନ ମଧ୍ୟ ବଢୁନଥିଲା । ଏବେ କିନ୍ତୁ ସବୁ କାମକୁ ଯନ୍ତ୍ର ଅଥବା ସେବାକାରୀ ସହାୟତାରେ କରି ଶରୀରକୁ ଆରାମ ଦେବା ସହ ଲୋକ ଅନ୍ୟନାନ୍ୟ ରୋଗକୁ ମଧ୍ୟ ନିମନ୍ତ୍ରଣ ଜଣାଉଛନ୍ତି ।

ସମୟ ଥିଲେ, ଘର ଆଖପାଖ ସ୍ଥାନରେ ପ୍ରତ୍ୟହ ସାଇକଲ ଚଳାଇବାର ଅଭ୍ୟାସ କରନ୍ତୁ । ବିଶେଷଜ୍ଞଙ୍କ ମତରେ ଶରୀର ପାଇଁ ଏହା ଏକ ଉତ୍କୃଷ୍ଟ ବ୍ୟାୟାମ । ନିୟମିତ ସକାଳ-ସନ୍ଧ୍ୟାରେ ୧୫-୨୦ ମିନିଟ ସାଇକେଲ ଚଳାନ୍ତୁ, ଫୂର୍ତ୍ତି ଲାଗିବ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଯୋଗ କରିବାକୁ କଷ୍ଟ ଲାଗେ, କିନ୍ତୁ ଦନି କେଇଟାର ଅଭ୍ୟାସ ପରେ ଏହା ମଧ୍ୟ ସୁନ୍ଦର ତଥା ସୁଠାମ ଶରୀର ଗଢ଼ିବାରେ ସହାୟକ ହୋଇଥାଏ ।

ନୂଆ ଟ୍ରେଣ୍ଡ ଚକୋଲେଟ୍ ୱ୍ୟାକ୍ସ

ହାତ ଏବଂ ଗୋଡ଼ରୁ ରୁମ ସଫା କରିବା ପାଇଁ ୱ୍ୟାକ୍ସ କରିବାକୁ ଅନେକେ ପସନ୍ଦ କରୁଥିବା ବେଳେ ଏବେ ଏହି ଧାରାରେ ଆଗରେ ରହିଛି ଚକୋଲେଟ୍ ୱ୍ୟାକ୍ସ । ଯଦିଓ ନର୍ମାଲ୍ ୱ୍ୟାକ୍ସ ଠାରୁ ଏହା କରିବା ବ୍ୟୟ ସାପେକ୍ଷ, ତଥାପି ଏହାର ପ୍ରଭାବ ବେଶ୍ ଭଲ ରହୁଥିବାରୁ ଲୋକଙ୍କ ମଧ୍ୟରେ ଏଥିପ୍ରତି ରୁଚି ବଢ଼ିବାରେ ଲାଗିଛି । ଚକୋଲେଟ୍ ୱ୍ୟାକ୍ସରେ ଥିବା କୋକୋ କାରଣରୁ ତ୍ୱଚା ଅଧିକ ଚିକ୍କଣ ହୋଇଥାଏ । ଏଥିସହ ଶରୀରରେ ଥିବା ଡେଡ୍ ସବୁ ବାହାରି ଯାଇଥାଏ । ଚକୋଲେଟ୍ ୱ୍ୟାକ୍ସ ପରେ ସ୍କିନ୍ ଆହୁରି ସଫା ଏବଂ କୋମଳ ହୋଇଥାଏ । ସାଧାରଣତଃ ନର୍ମାଲ୍ ୱ୍ୟାକ୍ସ କରିବାର ଦିନେ ଦୁଇଦିନ ପରେ ପୁଣିଥରେ ଶରୀରରେ ହାଲ୍କା ରୁମ ଉଠିବା ଦେଖିବାକୁ ମିଳିଥାଏ । ମାତ୍ର ଏହି କ୍ଷେତ୍ରରେ ରୁମ ଦୀର୍ଘଦୀନ ପର୍ଯ୍ୟନ୍ତ ଉଠି ନଥାଏ । ତେଣୁ ଏବେ ବ୍ୟୟ ସାପେକ୍ଷ ସତ୍ତ୍ୱେ ଅନେକେ ଏଭଳି ୱ୍ୟାକ୍ସ ପ୍ରତି ଆଗ୍ରହ ଦେଖାଉଛନ୍ତି ।

ସ୍ମୃତି ବିଭ୍ରମର ବିପଦ

ଏବେ ଯେଉଁଠି ଭୁଲିଯିବା ଲୋକଙ୍କ ପାଇଁ ସମସ୍ୟା ପାଲଟିଛି ଏବଂ ବିଭିନ୍ନ ସାଂଘାତିକ ରୋଗର କାରଣ ପାଲଟୁଛି, ସେଠାରେ ଅଷ୍ଟ୍ରେଲିଆର ରେବେକାଙ୍କ ସମସ୍ୟା ନିଶ୍ଚୟ ଆଶ୍ଚର୍ଯ୍ୟଜନକ । ରେବେକାଙ୍କ ସ୍ମୃତିଶକ୍ତି ତାଙ୍କ ପାଇଁ ସମସ୍ୟା ହୋଇଛି । ୨୯ବର୍ଷୀୟା ରେବେକା ଶେରୋକ୍ ଯେଉଁ ସ୍ନାୟୁ ଗତ ସମସ୍ୟାରେ ଆକ୍ରାନ୍ତ ତା'ର ନାମ 'ସୁପର ମେମୋରୀ' । ରେବେକା 'ହାଇଲି ସୁପରିୟର ଅଟୋ-ବାୟୋଗ୍ରାଫିକାଲ ମେମୋରୀ ଲକ୍ଷଣ ସହ ଜନ୍ମ ହୋଇଥିଲେ । ଏହାର କାରଣ ଏକପ୍ରକାର ନ୍ୟୁରୋ-ଲୋଜିକାଲ ଡିସଅର୍ଡର । ଏପରି ସ୍ମୃତିଶକ୍ତି ତାଙ୍କ ପାଇଁ ଉଭୟ ଅଭିଶାପ ଏବହ ଆଶୀର୍ବାଦରେ ପରିଣତ ହୋଇଛି । ଜୀବନର କୌଣସି ଦିନ ସେ ଭୁଲିପାରିବେ ନାହିଁ । ଏପରିକି ମାତ୍ର ୧୨ଦିନର ହୋଇଥିବା ବେଳେ ତାଙ୍କର ଫଟୋ ଉଠାଯାଇଥିବା କଥା ବି କାଳିକା ଘଟଣା ଭଳି ସେ ମନେରଖିଛନ୍ତି । ସବୁବେଳେ ରେବେକାଙ୍କ ମସ୍ତିଷ୍କରେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ସିନେମାର ଦୃଶ୍ୟ ପରି ଚାଲିଥାଏ । ତାଙ୍କର ପ୍ରଥମ ଜନ୍ମଦିନରେ ଉପହାର ଭାବେ ମିଳିଥିବା କଣ୍ଢେଇ ମୂଷା ତାଙ୍କୁ କିପରି ଡରାଇଦେଲା, ସେଦିନ ହୋଇଥିବା ଖାଦ୍ୟର ସ୍ୱାଦ ଏବଂ ସୁଗନ୍ଧ ସବୁ ତାଙ୍କର ମନେରହିଛି । ସେ ଇଚ୍ଛା କଲେ ବି କିଛି ଭୁଲିପାରୁନାହାନ୍ତି । ତେଣୁ କିଛି ବର୍ଷ ହେବ ଥେରାପିର ସହାୟତା ନେଉଛନ୍ତି ରେବେକା । ଏବେ ଜଣେ ମୋଟିଭେସନାଲ ସ୍ପକର ଭାବେ କାର୍ଯ୍ୟ କରୁଛନ୍ତି ସେ । ନିଜ ଅନୁଭୂତି ଲୋକମାନଙ୍କ ସହ ବିନିମୟ କରି ତାଙ୍କୁ ଖୁବ୍ ଶାନ୍ତି ଲାଗୁଥିବା ରେବେକା କହନ୍ତି । ସ୍କୁଲରେ ପଢ଼ିବା ଦିନଗୁଡ଼ିକର ସ୍ମୃତି ତାଙ୍କୁ ବେଶୀ ଖୁସି ଦେଉଛି । ଅନେକ ସମୟରେ ବିଭିନ୍ନ ଘଟଣାର ସ୍ମୃତି ତାଙ୍କୁ ଅସ୍ଥିର ଏବଂ ଅଶାନ୍ତ କରିଦେଉଛି । ତେଣୁ ସେଥିରୁ ମୁକ୍ତି ପାଇବା ଲାଗି ସେ ସେହି ସମୟରେ ହ୍ୟାରୀ ପୋଟର ଉପନ୍ୟାସ ପଢ଼ିଥାନ୍ତି । ଏପରି ସ୍ମୃତି ସମସ୍ୟା କାରଣରୁ ୧୪ବର୍ଷ ବୟସରୁ ଅବସାଦରେ ଆକ୍ରାନ୍ତ ହୋଇଛନ୍ତି ରେବେକା ।

ମଲାଇକା ଅରୋରାଙ୍କ ଫିଟ୍‌ନେସ୍ ମନ୍ତ୍ର

➢ସକାଳ ଜଳଖିଆ ଖାଇବା ପୂର୍ବରୁ ସେ ଫଳରସ କିମ୍ବା ପରିବା ରସ ପିଇବାକୁ ପ୍ରାଧାନ୍ୟ ଦେଇଥାନ୍ତି । ମଲାଇକାଙ୍କ ମତରେ ଏହା ତାଙ୍କ ଶରୀରକୁ ଖୁବ୍ ଶକ୍ତି ଯୋଗାଇଥାଏ ।

➢ଯୋଗ, ପ୍ରାଣାୟମ କରିବା ପରେ ସେ ଏଭାକାଡୋ ଫଳ ସହ ବ୍ରେଡ୍ ଟୋଷ୍ଟ ଖାଇଥାନ୍ତି । ଦ୍ୱିପହର ଓ ରାତ୍ରିଭୋଜନରେ ସେ ସିଝା ପରିବା ସହ ୨ଟି ରୁଟି ଖାଆନ୍ତି । ଓଜନକୁ ନିୟନ୍ତ୍ରଣ କରିବା ପାଇଁ ସେ ଏ ପ୍ରକାର ଖାଦ୍ୟ ଖାଉଥିବାର କହିଛନ୍ତି । ମାସକୁ ଥରୁଟିଏ ରେସ୍ତୋରାଁରେ ନିଜ ମନପସନ୍ଦର ଖାଦ୍ୟ ନିଶ୍ଚୟ ଖାଇଥାନ୍ତି ମଲାଇକା ।

➢ମିଠା ଓ ଚିନି ଆଦୌ ଖାଉନଥିବା ମଲାଇକା ମହୁ, ଗୁଡ଼ ନିଜ ବ୍ୟଞ୍ଜନରେ ସାମିଲ କରିବାକୁ ଗୁରୁତ୍ୱ ଦିଅନ୍ତି । ଏହା ସହ ପ୍ରତି ୩ଦିନରେ ଘିଅ ପ୍ରସ୍ତୁତ ପରଟା ସେ ଖାଆନ୍ତି । ଏହା ମଧ୍ୟ ଶରୀରକୁ ଶକ୍ତି ଯୋଗାଇଥାଏ ବୋଲି ମଲାଇକାଙ୍କ ମତ ।

➢ସୌନ୍ଦର୍ଯ୍ୟ ପାଇଁ ସବୁଠୁ ଜରୁରୀ ହେଲା ୮ ଘଣ୍ଟା ଗଭୀର ନିଦ ଓ ମାନସିକ ଚାପରୁ ମୁକ୍ତି । ସେ କୌଣସି ଦାମୀ ପ୍ରସାଧନ ଲଗାଇବାକୁ ପସନ୍ଦ କରୁନଥିବାବେଳେ ବାହାରକୁ ଗଲାବେଳେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି । ମାନସିକ ଚାପରେ ରହୁଥିବା ଯୁବତୀ ଓ ମହିଳାଙ୍କ କେଶ ଖୁବ୍ ଝଡ଼ିବା ସହ ତ୍ୱଚାରେ ଭାଙ୍ଗ ପଡ଼ିଥାଏ । ଏଣୁ ଏସବୁ ଠାରୁ ଦୂରେଇ ରହିବାକୁ ମଲାଇକା ପରାମର୍ଶ ଦେଇଛନ୍ତି ।

ପନିର୍ ତାଓ୍ୱା ମସଲା

ସାମଗ୍ରୀ:

ପନିର-୩୦୦ଗ୍ରାମ, ଦହି-୧/୨ କପ୍, ଜିରା-୧/୩ ଚାମଚ, କସୁରୀ ମେଥି-୧/୪ ଚାମଚ, କଟା ପିଆଜ-୨, ଚୂନାଚୂନା କଟା ରସୁଣ-୨ଚାମଚ, ଚୂନାଚୂନା କଟା ଅଦା- ୧ଇଞ୍ଚ, କଞ୍ଚା ଲଙ୍କା ପେଷ୍ଟ-୧ ଚାମଚ, ହଳଦୀ ଗୁଣ୍ଡ- ୧/୪ ଚାମଚ, ଲଙ୍କାଗୁଣ୍ଡ-୧/୪ ଚାମଚ, ଧନିଆ ଗୁଣ୍ଡ- ୧ ଚାମଚ, ଗରମ ମସଲା ଗୁଣ୍ଡ-୧/୨ ଚାମଚ, ଟମାଟୋ ପ୍ୟୁରି-୧/୨ କପ୍, କ୍ରିମ୍ -୧ ଚାମଚ, ଲେମ୍ବୁ ରସ-୨ ଚାମଚ, ତେଲ ଏବଂ ଲୁଣ ଆବଶ୍ୟକ ଅନୁସାରେ ।

ପ୍ରସ୍ତୁତ ପ୍ରଣାଳୀ:

ପ୍ରଥମେ ଏକ ପାତ୍ରରେ ଦହି, ସାମାନ୍ୟ ହଳଦୀ ଗୁଣ୍ଡ, କଞ୍ଚାଲଙ୍କାପେଷ୍ଟ, ଅଳ୍ପ ଲଙ୍କାଗୁଣ୍ଡ ଏବହ ଅଳ୍ପ କସୁରୀ ମେଥି ପକାଇ ଭଲଭାବେ ଗୋଳାନ୍ତୁ । ଏବେ ସେଥିରେ ପନିର ଟୁକୁଡ଼ା ପକାଇ ୧୫-୨୦ ମିନିଟ ପାଇଁ ମ୍ୟାରିନେଟ୍ ହେବାକୁ ଛାଡ଼ିଦିଅନ୍ତୁ । ଏଥର ପ୍ୟାନରେ ତେଲ ଗରମ କରି ସେଥିରେ ପନିର ଟୁକୁଡ଼ାକୁ ହାଲକାଫ୍ରାଏ କରନ୍ତୁ । ଫ୍ରାଏ ହେବା ପରେ ପନିରକୁ ଅଲଗା ପାତ୍ରରେ କାଢ଼ି ରଖିଦିଅନ୍ତୁ । ଏବେ ଆଉ ଟିକିଏ ତେଲ ଦେଇ ଜିରା, ପିଆଜ, ଅଦା ଏବଂ ରସୁଣ ପକାଇ ଭାଜନ୍ତୁ । ପିଆଜ ସାମାନ୍ୟ ଲାଲ ହୋଇ ଆସିଲେ ସେଥିରେ ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, କସ୍ତୁରୀ ମେଥି ଏବଂ ଟମାଟୋ ପ୍ୟୁରୀ ପକାଇ କିଛି ସମୟ କଷନ୍ତୁ । ମସଲା ଭଲଭାବେ କଷି ହୋଇଗଲେ ସେଥିରେ ପନିର ଟୁକୁଡ଼ା ପକାଇ ଅଧ କପ ପାଣି ଢ଼ାଳି ୧୦ମିନିଟ ଫୁଟିବାକୁ ଛାଡ଼ନ୍ତୁ । ୧୦ମିନିଟ ପରେ ଗରମ ମସଲା, ତାଜା କ୍ରିମ ଏବଂ ଲେମ୍ବୁ ରସ ପକାଇ ପ୍ଲେଟକୁ କାଢ଼ି ଗରମ ଗରମ ରୁଟି ସହ ପରଷନ୍ତୁ ପନିର ତାଓ୍ୱା ମସଲା ।

ମଇଦା ଚମକାଇବ ମୁହଁ

ନିଜକୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ଆମେ ବିଭିନ୍ନ ଉଚ୍ଚ ଦରର ପ୍ରସାଧନ ସାମଗ୍ରୀ ବ୍ୟବହାର କରୁ । କିନ୍ତୁ ରୋଷେଇଶାଳର କିଛି ସାମଗ୍ରୀ ଆପଣଙ୍କୁ ଯେଉଁଭଳି ଚମକ ପ୍ରଦାନ କରିବ କ'ଣ ଏଭଳି ବ୍ୟୁଟି ପ୍ରଡକ୍ଟ କରିପାରିବ ? ସମୟ ପାଇଲେ କିଛି ଘରୋଇ ଟିପ୍ସ ନିଜ ଚେହେରା ଉପରେ ପ୍ରୟୋଗ କରନ୍ତୁ ଫରକ ଆପେ ଜାଣିପାରିବେ । ଆସନ୍ତୁ ଆଜି ଜାଣିବା ମଇଦା ମୁହଁରେ କେଉଁଭଳି ଯାଦୁ କରୁଛି ।

୧. ଏକ ଚାମଚ ମଇଦାରେ ମହୁ, ଗ୍ଲିସେରିନ୍, ପାଣି, ଗୋଲାପଜଳ ଆଦି ମିଶାଇ ଏକ ଗାଢ଼ ପେଷ୍ଟ ପ୍ରସ୍ତୁତ କରି ମୁହର୍ଷା ଲଗାନ୍ତୁ ।

୨. ଏଲୋଭେରା ଜେଲ୍, ମଇଦା, ଗୋଲାପ ଜଳକୁ ମିଶ୍ରଣ କରି ଫେସିଆଲ୍ କରନ୍ତୁ ।

୩. ଦହି, ମଇଦା, କ୍ଷୀର, ଅଟାକୁ ନେଇ ଏକ ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲେପ ଦେଇ ଥଣ୍ଡା ପାଣିରେ ମୁହଁ ଧୁଅନ୍ତୁ । ଫରକ ଜାଣିପାରିବେ ।

ଘରେ କରନ୍ତୁ ପେଡିକିଓର୍

ପେଡ଼ିକିଓର୍ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସାଙ୍ଗକୁ ପାଦକୁ ଆରାମ ମଧ୍ୟ ଦେଇଥାଏ । ଆଧୁନିକ ଟ୍ରେଣ୍ଡରେ ଏହା ପାଲଟିଛି ସମସ୍ତଙ୍କ ପସନ୍ଦ । ଏବେ ଉଭୟ ମହିଳା ଓ ପୁରୁଷ ପେଡିକିଓର୍‌ର ବେଶ୍ ମଜା ନେଇଛନ୍ତି । ପାର୍ଲର୍‌ରେ ପେଡିକିଓର୍ ମହଙ୍ଗା ହୋଇଥିବା ବେଳେ ଆସନ୍ତୁ ଜାଣିବା କମ୍ ଖର୍ଚ୍ଚରେ କିପରି କରିପାରିବେ ଘରୋଇ ପେଡିକିଓର୍ ।

ପ୍ରଥମେ ତୁଳା ଦ୍ୱାରା ପାଦକୁ ଭଲ ଭାବରେ ପୋଛି ଦିଅନ୍ତୁ । ଏହାପରେ ନିଜର ପସନ୍ଦ ଅନୁଯାୟୀ ନଖକୁ ଏକ ପରଫେକ୍ଟ ସେପ୍ ଦିଅନ୍ତୁ । ମହୁ ଓ ବେଶନର ଏକ ମିଶ୍ରଣ ପ୍ରସ୍ତୁତ କରି ଦୁଇ ପାଦରେ ଗୋଲାକୃତି ଭାବେ ମାଲିସ୍ କରନ୍ତୁ । ଏହିପରି ୧୦ ମିନିଟ୍ କଲାପରେ ଏକ ପାତ୍ରରେ ଉଷୁମ୍ପୁ ପାଣି ନେଇ ପାଦ ଦୁଇଟିକୁ କିଛି ସମୟ ବୁଡ଼େଇ ରଖନ୍ତୁ । ଉଷୁମ୍ ପାଣିରେ ଗୋଲାପ ଜଳ ଓ କଟା ଲେମ୍ବୁ ମିଶାଇବାକୁ ଭୁଲନ୍ତୁ ନାହିଁ । ଏହାପରେ ଏକ ବ୍ରସ୍ ବ୍ୟବହାର କରି ଦିଆଯାଇଥିବା ପ୍ରଲେପକୁ ଧୀରେ ଧୀରେ ଛଡ଼ାନ୍ତୁ । ଶେଷରେ ପାଦରେ ମଶ୍ଚରାଏଜର ଲଗାଇ ଆପଣଙ୍କ ପାଦକୁ ଏକ ଆକର୍ଷଣୀୟ ଲୁକ୍ ଦିଅନ୍ତୁ ।



ସୁଖ୍ୟାତି ପାଇଁ ପୁରସ୍କୃତ ଗ୍ରାମ

ଛତିଶଗଡ଼ର ଯଶପୁର ଜିଲାର ଏକ ଛୋଟ ଗ୍ରାମ ହେଉଛି କନମୋରା । କିଛି ବର୍ଷ ତଳେ ପୂରା ରାଜ୍ୟରେ ଏହି ଗ୍ରାମ ନିଜ କୁଖ୍ୟାତି ପାଇଁ ଜଣାଯାଉଥିଲା । ଗ୍ରାମର ପ୍ରତ୍ୟେକ ବୟସର ପୁରୁଷ ନିଶାଗ୍ରସ୍ତ ରହି ବିଭିନ୍ନ ଅପରାଧକାଣ୍ଡମାନ କରୁଥିଲେ । ଏଇ କାରଣରୁ ନିୟମିତ ପୁଲିସ୍ ମଧ୍ୟ ଗାଁକୁ ଆସୁଥିଲା । ଏଭଳି ଦୃଶ୍ୟପଟ ୭ ବର୍ଷ ତଳେ ଥିଲା । ଏବେ କିନ୍ତୁ କନମୋରା ଗ୍ରାମ ନିଜ ସୁଖ୍ୟାତି ନିମନ୍ତେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଗ୍ରାମର ପ୍ରତ୍ୟେକ ଆରମ୍ଭ କରିଥିଲେ ସେଠାରେ ମହିଳାମାନେ । ଆରମ୍ଭ ସମୟରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିନ୍ତୁ ନିଜ ଆନ୍ଦୋଳନରୁ ପଛଘୁଞ୍ଚା ଦେଇନଥିଲେ । ଗାଁର ଜନୈକ ମହିଳା ହେଉଛନ୍ତି ୬୪ ବର୍ଷୀୟା ନିରୁ ଲାକ୍ରା । ସ୍ୱାମୀ ତାଙ୍କର ଏଇ ନିଶା ସେବନ କରି ଅକାଳରେ ପ୍ରାଣ ହରାଇଥିଲେ । ଦୁଇ ପୁଅ ମଧ୍ୟ ଯୁବକବେଳୁ ପିଇବା ଆରମ୍ଭ କଲେ । ବୋହୂ ଦୁହେଁ ଯେତେ ବୁଝାଇଲେ ମଧ୍ୟ କିଛି ଫଳ ମିଳିନଥିଲା । ଶେଷରେ ମହିଳାଙ୍କ ଏହି ଅଭିଯାନରେ ସେମାନେ ସାମିଲ ହୋଇ ନିଜ ଘରୁ ନିଶାଦ୍ରବ୍ୟ ଫିଙ୍ଗିବା ସହ ନିଶାଦ୍ରବ୍ୟ ପ୍ରସ୍ତୁତି ସରଞ୍ଜାମକୁ ମଧ୍ୟ ଜାଳିପୋଡ଼ି ଦେଲେ । କିଛି ଦିନ ଏହି ଆନ୍ଦୋଳନ ଚାଲିଲା । ଶେଷରେ ଗାଁର ପୁରୁଷମାନେ ବୁଝିପାରିଥିଲେ ସେମାନଙ୍କ ସୁସ୍ୱାସ୍ଥ୍ୟ ପାଇଁ ହିଁ ଏଭଳି ପଦକ୍ଷେପ ନିଆଯାଉଛି । ଆଜିର ସମୟରେ ଗାଁର କୌଣସି ପୁରୁଷ ନିଶା ଦ୍ରବ୍ୟକୁ ସ୍ପର୍ଶ ମଧ୍ୟ କରୁନାହାନ୍ତି । ଏପରିକି ଗତ ୭ ବର୍ଷ ମଧ୍ୟରେ ଗାଁରେ କିମ୍ବା ପାଖ ଗ୍ରାମରେ କୌଣସି ଚୋରୀ, ଡକାୟତି ମଧ୍ୟ ହୋଇନାହିଁ, ତେଣୁ ପୁଲିସ ଆସିବାର ଆବଶ୍ୟକତା ପଡ଼ିନାହିଁ ।

ସୁଖଦ ନିଦ୍ରା ହିଁ ସୁନ୍ଦରତାର ଉପଚାର...

କାର୍ଯ୍ୟରତ ଜୀବନରେ ସୁନ୍ଦରତା ପ୍ରତି ଦୃଷ୍ଟି ଦେବା ହୋଇଯାଏ କଷ୍ଟସାଧ୍ୟ ବ୍ୟାପାର ହେଲେ ଶୋଇବା ପୂର୍ବରୁ କିଛି ନିୟମ ମାନିବା ଦ୍ୱାରା ମୁଖର ସୁନ୍ଦରତା ବୃଦ୍ଧି ହେବା ସହ ମାନସିକ ଭାରାକ୍ରାନ୍ତରୁ ମଧ୍ୟ ମୁକ୍ତି ମିଳିଥାଏ । ଦୈନନ୍ଦିନ ଜୀବନରେ ଏହିପରି କିଛି ନିୟମ ମାନିବା ଦ୍ୱାରା ସୁନ୍ଦରତା କ୍ରମାଗତ ଭାବେ ବୃଦ୍ଧି ପାଇଥାଏ ।

୧- ରାତିରେ ଶୋଇବା ପୂର୍ବରୁ ୩୦ମିନିଟ୍ ଥଣ୍ଡା ପାଣିରେ ଗାଧୋଇବା ଦ୍ୱାରା ଦେହରୁ ଦୁର୍ଗନ୍ଧ ସହ ଥକ୍କାପଣ ମଧ୍ୟ ଦୂର ହୁଏ । ଏଥିରେ ଗୋଲାପର ପାଖୁଡ଼ା ପକାଇ ଗାଧେଇବା ଦ୍ୱାରା ମାନସିକ ଚିନ୍ତାକୁ ମଧ୍ୟ ମୁକ୍ତି ମିଳିଥାଏ ।

୨- ଶୋଇବା ପୂର୍ବରୁ ଉଷୁମ କ୍ଷୀରରେ ହଳଦୀ ପକାଇ ପିଇବା ଦ୍ୱାରା ଶରୀରକୁ ବିଷାକ୍ତ ପଦାର୍ଥ କଟିଯିବା ସହ ରକ୍ତ ସଫା ହୋଇଥାଏ । ନିଦ ମଧ୍ୟ ଶାନ୍ତିପୂର୍ଣ୍ଣ ହୋଇଥାଏ ।

୩- ପୂରାଦିନରେ ଆମ ଶରୀର ସହ ଆଖି ମଧ୍ୟ ଖୁବ୍ କାମ କରିଥାଏ ତେଣୁ ଶୋଇବା ପୂର୍ବରୁ ଆଖିର ଚାରିପଟେ କ୍ରିମରେ ଧୀରେ ଧୀରେ ମସାଜ କରିବା ଆବଶ୍ୟକ ।

୪- ଶୋଇବା ପୂର୍ବରୁ ଭଲରେ ଦାନ୍ତକୁ ବ୍ରଶ କରିବା ଆବଶ୍ୟକ । ରାତିରେ ଖାଇବା ପରେ ଦାନ୍ତକୁ ବ୍ରଶ କରିବା ଦ୍ୱାରା ଦାନ୍ତ ସଫା ହେବା ସହ ମୁଖର ସୁନ୍ଦରତା ବୃଦ୍ଧି ପାଇଥାଏ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୮ ଜାନୁଆରୀ ୨୦୨୧ ,ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଦୈନନ୍ଦିନ ଜୀବନର ସୁରକ୍ଷା...

ମନୁଷ୍ୟ ତାର ଦୈନନ୍ଦିନ ଜୀବନରେ ଅନେକ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସୁଥିଲେ ସୁଦ୍ଧା ସମସ୍ତଙ୍କ ସହିତ ସବୁକଥା ଖୋଲାଖୋଲି ଆଲୋଚନା କରିବାକୁ ଚାହେଁନାହିଁ, ଏମିତିକି କେତେକ ପ୍ରସଙ୍ଗରେ ନିଜ ପରିବାରର ଲୋକମାନଙ୍କ ସହିତ ମଧ୍ୟ- ଯେ ପର୍ଯ୍ୟନ୍ତ ତା'ର କଥାଟି ସମ୍ପୂର୍ଣ୍ଣ ଭାବରେ ଗୋପନୀୟ ରହିବା ସମ୍ପର୍କରେ ସେ ନିଶ୍ଚିତ ହୋଇନଥାଏ। ଅର୍ଥାତ କିଛି କଥାର ଗୋପନୀୟତା ଉପରେ ପ୍ରାୟ ସମସ୍ତଙ୍କର ଗୁରୁତ୍ୱ ରହିଥାଏ ଏବଂ ଯେଉଁଠି ଏହି ଗୋପନୀୟତା ଭଙ୍ଗ କରିବାର ପ୍ରଶ୍ନ ଉଠେ, ସେଠାରେ ଆସେ ଅବିଶ୍ୱାସ, ବିଶ୍ୱାସଘାତକତା ଇତ୍ୟାଦି ଭଳି କେତେକ ଶବ୍ଦ। ଆଜିକା ସମୟରେ ଏଇ ଗୋପନୀୟତା ଶବ୍ଦକୁ ନେଇ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଅନେକ ବିତର୍କ ସୃଷ୍ଟି ହୋଇଛି; କଥା ପ୍ରବେଶ କରିଛି କୋର୍ଟ କଚେରିରେ, ଆଇନ୍ କାନୁନୁର ବଳୟ ଭିତରେ। ଏପରି ହୋଇଛି ବିଶେଷକରି ସାମାଜିକ ଗଣମାଧ୍ୟମର ଫେସବୁକ୍, ମେସେଂଜର ଇତ୍ୟାଦି ଭଳି ବିଭିନ୍ନ ମଂଚ ଯେତେବେଳେ ବ୍ୟବହାକାରୀମାନଙ୍କ ଗୋପନୀୟତା ସମ୍ପର୍କିତ କୌଣସି ପ୍ରସଙ୍ଗ ଉଠାଇଛନ୍ତି। ଏହି କ୍ରମରେ ଏବେ ଚର୍ଚ୍ଚାକୁ ଆସିଛି ଲୋକପ୍ରିୟ ମଂଚ ହ୍ୱାଟସଆପ୍। ଏଥିରେ ହେଉଥିବା ବାର୍ତ୍ତା ଦିଆନିଆକୁ ଏହି ମଂଚ ଯେତେବେଳେ ଫେସବୁକରେ ପ୍ରକାଶ କରିବ ବୋଲି ସୂଚନା ମିଳିଲା, ସେତେବେଳେ ଗୋପନୀୟତା ଭଙ୍ଗ ହେବାର ଆଶଙ୍କାରେ ସବୁ ମହଲରୁ ପ୍ରତିବାଦ ହେବାପରେ ଏବେ କମ୍ପାନୀ ତା'ର ନୂଆ ଗୋପନୀୟତା ନୀତି ସର୍ତ୍ତାବଳୀକୁ ଲାଗୁ କରିବାର ତାରିଖ ମଇ ୧୫ ତାରିଖକୁ ଘୁଂଚାଇ ଦେଇଛି। ତେବେ ପ୍ରଶ୍ନ ଉଠେ, ଭାରତୀୟ ନାଗରିକମାନେ ଗୋପନୀୟତା ଏବଂ ପସନ୍ଦ କରିବାର ଅଧିକାରକୁ ଦାବି କରି ପାରିବେ କି? ୨୦୧୭ରେ ଦେଶର ସର୍ବୋଚ ଅଦାଲତ ସୁପ୍ରିମକୋର୍ଟ ଗୋପନୀୟତାକୁ ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରିଛନ୍ତି। ତଥାପି ଏଯାବତ୍ ଗୋପନୀୟତାର ପରିସର କିଛି କ୍ଷେତ୍ରରେ କିଛି କର୍ତ୍ତୃପକ୍ଷଙ୍କ ଅକ୍ତିଆରରେ ରହିଛି ଏବଂ ଗୋପନୀୟତାକୁ ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରିଛନ୍ତି। ତଥାପି ଏଯାବତ୍ ଗୋପନୀୟତାର ପରିସର କିଛି କ୍ଷେତ୍ରରେ କିଛି କର୍ତ୍ତୃପକ୍ଷଙ୍କ ଅକ୍ତିଆରରେ ରହିଛି ଏବଂ ଗୋପନୀୟତାର ଅଭାବକୁ ନେଇ ନାଟକ ଚାଲିବା ସହିତ ଉପଭୋକ୍ତାମାନଙ୍କର ପସନ୍ଦ ସହିତ ଖେଳ ଖେଳାଯାଉଥିବା ନେଇ ଅଭିଯୋଗମାନ ସୃଷ୍ଟି ହେବାରେ ବିରତି ଘଟୁନାହିଁ। ଆଉ ଏସବୁ ବେଶୀ ଘଟିଚାଲିଛି ଡିଜିଟାଲ ପରିସରରେ। ଏହି ପରିପ୍ରେକ୍ଷୀରେ ଡାଟା ଅମଳ ଏବଂ ବ୍ୟବହାରକାରୀଙ୍କ ଗୋପନୀୟତାକୁ ନେଇ ହ୍ୱାଟସଆପର ନୂଆ ସେବା ପ୍ରଦାନକାରୀ ନିୟମ ଏକ ପ୍ରକୃଷ୍ଟ ଉଦାହରଣ ହୋଇଥିବାବେଳେ ଏହି ପ୍ରସ୍ତାବିତ ପରିବର୍ତ୍ତନକୁ ନେଇ ଦୁଇଗୋଟି ସାମ୍ବିଧାନିକ ଅନୁଷ୍ଠାନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯେହେତୁ ଏହି ଆପ୍ ବ୍ୟବହାର କରିବା 'ସ୍ୱେଚ୍ଛାକୃତ' ଅର୍ଥାତ ନିଜ ଉପରେ ନିର୍ଭର କରେ, ତେଣୁ ଯେଉଁମାନେ ଏହାର ନୂଆ ସର୍ତ୍ତାବଳୀକୁ ନେଇ ଚିନ୍ତିତ, ସେମାନେ ଏହାର ବ୍ୟବହାରକୁ ବନ୍ଦ କରିଦେଇ ପାରନ୍ତି ବୋଲି ଦିଲ୍ଲୀ ହାଇକୋର୍ଟ କହିଥିବାବେଳେ କେନ୍ଦ୍ରଦ ସରକାର ମଧ୍ୟ ଏହା ମଧ୍ୟରେ ତଥ୍ୟର ସୁରକ୍ଷା ପାଇଁ ଏହାର ନୂତନ ସର୍ତ୍ତାବଳୀକୁ ପ୍ରତ୍ୟାହାର କରିନେବାକୁ କହିଛନ୍ତି। ଏହା ମଧ୍ୟ ଉକ୍ତ ମଂଚକୁ ୟୁରୋପୀୟ ଦେଶ ସମୂହ ପାଇଁ କୋହଳ ମନୋଭାବ ପ୍ରଦର୍ଶନ କରି ପାତରଅନ୍ତର କରୁଥିବାର ସନ୍ଦେହ ସୃଷ୍ଟି କରାଉଥିବା ଜଣାଇ ଦେଇଛନ୍ତି। ନାଗରିକମାନଙ୍କ ସମ୍ମୁଖରେ ଅନ୍ୟାନ୍ୟ ନିର୍ଭରଯୋଗ୍ୟ ଆପ୍ ବ୍ୟବହାର କରିବାର ବିକଳ୍ପ ରହିଛି ବୋଲି କହି ଦିଲ୍ଲୀ ହାଇକୋର୍ଟ ହୁଏତ ପସନ୍ଦ କରିବାର ଅଧିକାରର ମର୍ଯ୍ୟାଦା ରକ୍ଷା କରିଥାଇପାରନ୍ତି। ତେବେ କେତେକ କାରଣ ଯୋଗୁଁ ଉପଭୋକ୍ତାମନଙ୍କ ପାଇଁ ଏହି ହ୍ୱାଟସ୍‌ଆପ୍ ମଂଚକୁ ପରିତ୍ୟାଗ କରି ଅନ୍ୟ କୌଣସି ମଂଚକୁ ଗ୍ରହଣ କରିବା ସହଜ ହୋଇନାହିଁ। ପ୍ରଥମଟି ହେଉଛି, ଏହାର ଏକ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବାର ଭିତ୍ତି ଭାରତରେ ୪୦୦ ମିଲିଅନରରୁ ଅଧିକ ଲୋକ ଏହାର ସେବାର ଉପଯୋଗ କରୁଛନ୍ତି। ଏହି ଆପର ବ୍ୟବହକାରୀଙ୍କ ଅନୁକୂଳ ସୁବିଧାକୁ ଅନେକେ ଅନୁଭବ କରି ସାରିଛନ୍ତି, ବିଶେଷକରି ମହାମାରୀ କରୋନା ସମୟରେ ଏହି ଡିଜିଟାଲ ବାର୍ତ୍ତା ବିନିମୟରେ ସମ୍ପ୍ରସାରିତ ବ୍ୟବହାର ଲୋକମାନଙ୍କ ମଧ୍ୟରେ ଏପରି ପ୍ରବେଶ କରିଯାଇଛି ଯେ ଏହା ତା'ର ଲୋକପ୍ରିୟତା ଏବଂ ପୃଷ୍ଠପୋଷକତାକୁ ହରାଇବା ଏତେ ସହଜ ନୁହେଁ। ସମାଲୋଚକମାନେ ମଧ୍ୟ ଦେଶର ତଥ୍ୟ ସୁରକ୍ଷା କର୍ତ୍ତୃପକ୍ଷଙ୍କ କର୍ମଚାରୀମାନଙ୍କର ଦକ୍ଷତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏଯାବତ୍ ପ୍ରକାଶ ହେବାକୁ ଥିବା ତଥ୍ୟ ସୁରକ୍ଷା ଢ଼ାଂଚା ମଧ୍ୟରୁ କଠୋର ପଦକ୍ଷେପ ନେଇ ଏସବୁ ପ୍ରସଙ୍ଗକୁ ଦୂର ନକରିବା ପର୍ଯ୍ୟନ୍ତ ନାଗରିମାନଙ୍କ ତଥ୍ୟର ଗୋପନୀୟତା ସମ୍ପର୍କରେ ସରକାରଙ୍କ ସଫେଇ ସବୁ ବର୍ଗଙ୍କୁ କ୍ୱଚିତ୍ ସନ୍ତୁଷ୍ଟ କରିପାରିବ।

ମୋ ଶବ୍ଦ ମୋ କବିତା...

ଇଂ ଅବନ୍ତୀ ମଲ୍ଲିକ

କବିତାର ପୃଷ୍ଠାପରେ
ଝରୁଅଛି ଶବ୍ଦ ହୋଇ
ହୃଦୟର ଗୁପ୍ତଗଙ୍ଗା ମୋର।

ନବୁଝି ଚିରିଚାରି
ବନେଇ ଦେଇପାର ପୁଅ ପାଇଁ
ଫୁଲ ଛଡ଼ିଟେ କି କାଗଜ ଡ଼ଙ୍ଗା
ଅବା ମୋଡ଼ି ମକ୍‌ଚି ଫିଙ୍ଗିପାର
ଅଳିଆ ଡ଼ଷ୍ଟବିନ୍‌କୁ
ହେଲେ ଭୁଲିବନି ଯେପରି
ଛାଣି ରଖିବାକୁ ଅକ୍ଷରଗୁଡ଼ା
ମନତଳ ମଜଭୁତ୍
ଲୁହା ଚା' ଛଙ୍କାରେ
ଯା'ସବୁ ଲୁହରେ ବତୁରି
ଭାସୁଥିବ ବର୍ଷା ପାଣିରେ
ଗବ୍ ଗବ୍ ଫୁଟନ୍ତା
ଝ' ଗୁଣ୍ଡ ପରି।

ଯେଉଁ ଶବ୍ଦ ସବୁ
ଫୁଟି ପଡ଼େ ଲେଖନୀରେ
ରକ୍ତରେ ହୋଇଛି ମାଜଣା
ଯେଉଁ ଅକ୍ଷର ଲିପି ସାଜି ଅଛି
କୋହରେ ସେସବୁ ଭରଣା
ତେଣୁ -
ବିସର୍ଜନ ପ୍ରକ୍ରିୟା ପୂର୍ବରୁ
ପୃଷ୍ଠାକୁ ଚାପିଦିଅ ଥରେ
ମୋ ଛାତି ଉପରେ
ମୋ ଚିବୁକ ଧାରେ
ଚାରି ଚଉତା
କରି ଦେଖିବ,
ଦସ୍ତାବିଜ ହୋଇଯିବ ତା'
ମୋ ଗୋପନ ଡ଼ାଏରୀରେ।

+ଶିଳ୍ପ ତାଲିମ କେନ୍ଦ୍ର, ଚରମ୍ପା,
ଭଦ୍ରକ,
ସେଲ୍- ୮୦୭୩୫୬୭୭୧୬

ଭାରତର ଟିକା କୂଟନୀତି

ପୃଥିବୀ ସାରା କୋରୋନା ରୋଗର ସଂକ୍ରମଣ ସମସ୍ତଙ୍କୁ ଚିନ୍ତିତ କରିଛି । ଇଉରୋପର ଅନେକଗୁଡିଏ ଦେଶରେ ଏହା ଦ୍ୱିତୀୟ କିମ୍ବା ତୃତୀୟଥର ପାଇଁ ମଧ୍ୟ ଫେରିଛି । ଆମେରିକାରେ ଦୈନିକ ଚାରିହଜାରରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡିବାରେ ଲାଗିଛନ୍ତି । ବ୍ରିଟେନରେ କର୍ଫ୍ୟୁ ଜାରି କରିବାକୁ ହୋଇଛି । ହଂକଂରେ ଲକ୍‌ଡାଉନ୍ ଚାଲିଛି । ସଂକ୍ରମଣର ତାଣ୍ଡବ ଛୋଟ ବଡ ଅନେକ ଦେଶରେ ଜାରି ରହିଛି । ବ୍ରାଜିଲରେ ସ୍ଥିତି ଅସମ୍ଭାଳ ହୋଇପଡିଛି । ଲୋକମାନେ ବାଧ୍ୟ ହୋଇ ରାଷ୍ଟ୍ରପତି ବୋଲ୍‌ସେନାରୋଙ୍କ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି,ଯେଉଁଥିପାଇଁ ତାଙ୍କୁ ଭାରତରୁ ଟିକାନେବାକୁ ସ୍ୱତନ୍ତ୍ର ବିମାନ ପଠାଇବାକୁ ପଡିଛି ।

ସୌମେନ୍ଦ୍ର ଜେନା
ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

ପୃଥିବୀ ସାରା କୋରୋନା ରୋଗର ସଂକ୍ରମଣ ସମସ୍ତଙ୍କୁ ଚିନ୍ତିତ କରିଛି । ଇଉରୋପର ଅନେକଗୁଡିଏ ଦେଶରେ ଏହା ଦ୍ୱିତୀୟ କିମ୍ବା ତୃତୀୟଥର ପାଇଁ ମଧ୍ୟ ଫେରିଛି । ଆମେରିକାରେ ଦୈନିକ ଚାରିହଜାରରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡିବାରେ ଲାଗିଛନ୍ତି । ବ୍ରିଟେନରେ କର୍ଫ୍ୟୁ ଜାରି କରିବାକୁ ହୋଇଛି । ହଂକଂରେ ଲକ୍‌ଡାଉନ୍ ଚାଲିଛି । ସଂକ୍ରମଣର ତାଣ୍ଡବ ଛୋଟ ବଡ ଅନେକ ଦେଶରେ ଜାରି ରହିଛି । ବ୍ରାଜିଲରେ ସ୍ଥିତି ଅସମ୍ଭାଳ ହୋଇପଡିଛି । ଲୋକମାନେ ବାଧ୍ୟ ହୋଇ ରାଷ୍ଟ୍ରପତି ବୋଲ୍‌ସେନାରୋଙ୍କ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି,ଯେଉଁଥିପାଇଁ ତାଙ୍କୁ ଭାରତରୁ ଟିକାନେବାକୁ ସ୍ୱତନ୍ତ୍ର ବିମାନ ପଠାଇବାକୁ ପଡିଛି ।

କହିବାକୁ ଗଲେ କୋରୋନାର ପ୍ରକୋପରେ ସମଗ୍ର ବିଶ୍ୱରେ ତ୍ରାହି ତ୍ରାହି ଡାକପଡିଛି । ପ୍ରତିଦିନ ପନ୍ଦର ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି । କୋରୋନା ଯୋଗୁ ଚଳିତ ଜାନୁଆରୀ ମାସ ୧୯ ରେ୧୪,୭୯୧,୨୦ରେ ୧୭୪୮୪, ୨୧ରେ ୧୬୮୩୯ ଜଣଙ୍କର ମୃତ୍ୟୁ ଘଟିଛି । ଏହି କ୍ରମରେ ୨୬ ଜାନୁଆରୀ ୨୦୨୧ ସୁଦ୍ଧା ୨୧,୪୮,୪୯୩ ଜଣଙ୍କର ମୃତ୍ୟୁ ହୋଇସାରିଛି । ପୃଥିବୀର ଛୋଟବଡ ୨୧୯ଟି ଦେଶରେ ଏବେବି ୧୦କୋଟି ୮୧ଲକ୍ଷ ୩୯ହଜାର ୪୦୪ଜଣ ବ୍ୟକ୍ତି କୋରୋନାରେ ସଂକ୍ରମିତ ହୋଇଛନ୍ତି । କୋରୋନା ସଂକ୍ରମିତଙ୍କ ସଂଖ୍ୟାକୁ ଦେଖିଲେ ଏହା ଆଗାମୀ ଦିନଗୁଡିକରେ ଢେର କ୍ଷତିକରିବ ଏଥିରେ ସନ୍ଦେହ ନାହିଁ । ଏହାର ନିୟନ୍ତ୍ରଣ ପାଇଁ ଅନେକ ମାସ ଲାଗିବ । କାରଣ ବିଶ୍ୱବ୍ୟାପି ଟିକାକରଣ କାର୍ଯ୍ୟ ଶେଷ କରିବା ଲାଗି ବର୍ଷ ବର୍ଷ ସମୟ ଆବଶ୍ୟକ । ତେଣୁ ପୃଥିବୀର ଜନସାଧାରଣଙ୍କ ଜୀବନରକ୍ଷା ଏକ ବଡ ପ୍ରଶ୍ନ ହୋଇଛି । ଗତ ଏକବର୍ଷ ଧରି ଏହି ରୋଗର ପ୍ରକୋପ ବଢିବା ସହ ମୃତ୍ୟୁସଂଖ୍ୟା ମଧ୍ୟ ବଢୁଛି । ସଂକ୍ରମିତଙ୍କ ସଂଖ୍ୟା ପ୍ରତିଶତରେ ହ୍ରାସ ଦେଖାଗଲେ ବି ଦୈନିକ ମୃତ୍ୟୁସଂଖ୍ୟା ଗତବର୍ଷ ମାର୍ଚ୍ଚ ମାସର ମୃତ୍ୟୁସଂଖ୍ୟା ସହ ସମାନ ରହିଛି । ଗତବର୍ଷ ପୃଥିବୀରେ ମୃତ୍ୟୁହାର ୨.୨ପ୍ରତିଶତ ଥିଲାବେଳେ ଏବେ ଆଫ୍ରିକାର ଦେଶଗୁଡିକରେ ଏହି ମୃତ୍ୟୁହାର ୨.୫ ପ୍ରତିଶତ ରହିଛି । ଆଫ୍ରିକା ମହାଦେଶର ୨୧ଟି ରାଷ୍ଟ୍ରରେ ଏହି ମୃତ୍ୟୁହାର ୩ ପ୍ରତିଶତରୁ ଅଧିକ ହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କୋଭାକ୍ସ ଯୋଜନାରେ ପୃଥିବୀର ୯୨ଟି ଦେଶରେ ୧.୮ ବିଲିଅନ ଟିକାକରଣର ଲକ୍ଷ୍ୟ ରଖାଯାଇଛି, ଯାହା ଏହିସବୁ ରାଷ୍ଟ୍ରର ୨୭ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚିପାରିବ । ଜାନୁଆରୀ ମାସର ସ୍ଥିତିକୁ ଦେଖିଲେ କହିହେବ ଯେ ଏହି ରୋଗ ଆଗାମୀ ଦିନରେ ଅଧିକ ଭୟଙ୍କର ହେବ । କାରଣ ଅନେକଗୁଡିଏ ଦେଶରେ ଏବେ କୋରୋନାର ନୂଆ ଲହରୀ ଦେଖାଦେଇଛି । ସ୍ୱିଡେନରେ ସରକାର ୟୁରୋପର ଅନ୍ୟ ରାଷ୍ଟ୍ରଗୁଡିକ ପରି ଲୋକଙ୍କ ଚଳପ୍ରଚଳରେ କୌଣସି କଟକଣା ରଖିନଥିଲେ ମଧ୍ୟ ଏବେ କଟକଣା ଜାରି ପାଇଁ ବାଧ୍ୟ ହୋଇଛନ୍ତି । ଚୀନର ହୈଲଙ୍ଗଜିଆଙ୍ଗ ପ୍ରଦେଶରେ ଗତ ଦଶମାସ ମଧ୍ୟରେ ଏବେ ସବୁଠୁ ଅଧିକ ସଂକ୍ରମିତ ହୋଇଛନ୍ତି । ଚୀନ ସରକାରଙ୍କ ଘୋଷଣାର ତିନିଗୁଣ ଲୋକେ ସେଠାରେ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି । କୋରୋନା ଭୂତାଣୁ ଭିନ୍ନ ଭିନ୍ନ ଦେଶରେ ପ୍ରବେଶ କରି ଏବେ ୧୨ପ୍ରକାର ରୂପ ନେଲାଣି । ଚୀନର ହୁବେଇ ପ୍ରାନ୍ତର ହିଜିଆଝୁଆଙ୍ଗ ଏବେ ରୋଗର କେନ୍ଦ୍ର ହୋଇଛି । ତେଣୁ ଏକକୋଟି ଜନତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସେଠାକାର ପ୍ରଶାସନ ନିଷ୍ପତ୍ତି ନେଇଛି । ବିଶ୍ୱରେ ଲୋକଙ୍କର ଜୀବନରକ୍ଷା କରିବା ଏକ ବଡ ପ୍ରଶ୍ନ ହୋଇଥିବା ବେଳେ ବ୍ୟାପକ ଟିକାକରଣ ନିମନ୍ତେ ଅର୍ଥ ଏକ ସମସ୍ୟା ହୋଇଛି । ପୃଥିବୀର ଧନୀ ରାଷ୍ଟ୍ରଗୁଡିକ ସାମୂହିକ ଟିକାକରଣ ନିମନ୍ତେ କେବଳ ନିଜ ରାଷ୍ଟ୍ରପାଇଁ ଚିନ୍ତା କରୁଛନ୍ତି । ପୃଥିବୀରେ ଏବେ ପାଞ୍ଚ ଛଅଟି ଟିକା ବଜାରକୁ ଆସିଥିବା ସମୟରେ ତନ୍ମଧ୍ୟରୁ ଭାରତର ଦୁଇଟି ଟିକାର ସଫଳତା ହାର ଏବଂ ବଜାର ଦର ଅନ୍ୟ ଟିକାଗୁଡିକ ତୁଳନାରେ କମ୍‌ଥିବାରୁ ଅଧିକ ଗ୍ରହଣୀୟ ହୋଇଛି । ବ୍ରିଟେନର ଫାଇଜର, ରୁଷିଆର ସ୍ପୁଟନିକ, ଚୀନର ସିନୋଭାକ ଟିକା ତୁଳନାରେ ଭାରତର କୋଭିସିଲ୍ଡ ଏବଂ କୋଭାକ୍ସିନ ଅଧିକ ଫଳପ୍ରଦ ହେଉଥିବା ଯୋଗୁ ଭାରତ ସରକାର ଏହି ଦୁଇଟି ଟିକାକୁ ନିଜ ଦେଶ ସହ ସହଯୋଗୀ ରାଷ୍ଟ୍ରଗୁଡିକୁ ଯୋଗାଇବା ପାଇଁ ଟିକା କୂଟନୀତି ଆରମ୍ଭ କରିଛନ୍ତି । ବିଶ୍ୱରେ ଟିକା ଉତ୍ପାଦନରେ ଭାରତ ସବୁଠୁ ଆଗରେ ରହିଆସିଛି । ବଡ ଜନସଂଖ୍ୟା ଦୃଷ୍ଟିରୁ ସବୁ ବର୍ଷ ଭିନ୍ନ ଭିନ୍ନ ପ୍ରକାରର ଅନେକ ଟିକା ଆବଶ୍ୟକ ହେଉଥିବା ହେତୁ ଭାରତର ଟିକା ପ୍ରସ୍ତୁତି ବ୍ୟବସ୍ଥା ସୁଦୃଢ ରହିଛି । ପୁନାର ସିରମ ଇନ୍‌ଷ୍ଟିଚ୍ୟୁଟ ଏବଂ ହାଇଦ୍ରାବାଦର ଭାରତ ବାଇଓଟେକ୍ ଅନୁଷ୍ଠାନ ଏ କ୍ଷେତ୍ରରେ ଆଗରେ ରହିଛନ୍ତି । ଏବେ ସିରମ୍‌ର କୋଭିସିଲ୍ଡ ଏବଂ ଭାରତ ବାଇଓଟେକର କୋଭାକ୍ସିନ ଟିକାକୁ କେନ୍ଦ୍ର ସରକାର ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏହି ଟିକାର ବ୍ୟବହାର ଭାରତରେ ହେବା ପରେ ପରେ ଅନେକ ସହଯୋଗୀ ରାଷ୍ଟ୍ରଗୁଡିକୁ ମାଗଣାରେ ନିଜର ଖର୍ଚ୍ଚରେ ଟିକା ଯୋଗାଇ ଭାରତ ସରକାର ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । **(କ୍ରମଶଃ)**

ପୌଷ ପୂର୍ଣ୍ଣିମା

ବିଦ୍ୟୁତଲତା ପଣ୍ଡା

ପୌଷ ପୂର୍ଣ୍ଣିମା ଦିବସଟି ବହୁ ଯାତ୍ରାର ସମାହାରରେ ରୁଦ୍ଧିମନ୍ତ । ଏହିଦିନ ଶ୍ରୀଦିଅଁମାନଙ୍କର ଅଭିଷେକୋତ୍ସବ ମହାଡମ୍ବରରେ ପାଳନ କରାଯାଉଥିବାବେଳେ କୃଷକ ନିଜର ଧାନ ଅମଳର ସମୟ ହେତୁ ଧାନ୍ୟକୁ ପ୍ରଣତୀ କରି ଏହିଯାତ୍ରା ପାଳନ କରିଥାଏ । କୃଷିପରାଶର ଅନୁସାରେ,

"ଅଖଣ୍ଡିତେ ତତୋ ଧାନ୍ୟେ ପୌଷମାସେ ଶୁଭଦିନେ
ପୁଷ୍ୟଯାତ୍ରା ଜନାଃ କୁର୍ଯ୍ୟାଦନ୍ୟୋନ୍ୟ କ୍ଷେତ୍ରସନ୍ନିଧୌ ।"

ଆହାର ଉପଯୋଗୀ ୧୭ ପ୍ରକାର ଶସ୍ୟ ମଧ୍ୟରୁ ଧାନ ହେଉଛି ପ୍ରମୁଖ ଏବଂ ଏହାର ପାଚିବା ସମୟ ଶରତ ଋତୁ । କୃଷିରୁ ଉତ୍ପନ୍ନ ଶସ୍ୟ ଭୋଜନକରି ପ୍ରାଣୀ ଦୀର୍ଘାୟୁ ହୁଏ,ଏଣୁ ଏହିଦିନ କୃଷକ ମଣ୍ଡାପିଠା ଖାଇ ଧାନର ପୂଜା କରିବା ସହିତ ଜଗନ୍ନାଥଙ୍କର ଅଭିଷେକୋତ୍ସବ ପାଳନ କରିଥାଏ । ଏହିଦିନକୁ ଆଦିବାସୀମାନେ ପୁଷପୁନେଇ ଭାବରେ ମଧ୍ୟ ପାଳନ କରିଥାଆନ୍ତି । ଆଦିବାସୀ ଗଦବା ଗୋଷ୍ଠୀର କନ୍ୟା ଧାଙ୍ଗିଡୀମାନେ ହାଣ୍ଡିଆ ପିଇ ପୁଷ୍‌ପୁନେଇ ରାତିରେ ହାତଧରାଧରି ହୋଇ ନୃତ୍ୟଗୀତରେ ପର୍ବ କରନ୍ତି । ସେହିପରି ବଣ୍ଡାମନେ ପାଳନ କରନ୍ତି 'ପୁଷଅରକି' ପର୍ବ । ଏହି ଯାତ୍ରା ପୂର୍ଣ୍ଣମୀର ଆଠଦିନ ପୂର୍ବରୁ ଆରମ୍ଭ ହୋଇ ପୂର୍ଣ୍ଣମୀରେ ଉଦଯାପିତ ହୋଇଥାଏ । ଏଥିରେ'ସିନ୍ଦବୋର' ଶିମ୍ବ ଓ 'ପାଟକୋଣ୍ଡ'ପାଟଖଣ୍ଡା ପୂଜା କରନ୍ତି । ପୂଜାକାଳୀନ ମନ୍ତ୍ରର ଅର୍ଥ ସମସ୍ତେ ସୁଖରେ ରହନ୍ତୁ । ପୂର୍ଣ୍ଣମୀଦିନ ବଣ୍ଡାମନେ ପହିଲି ଶିମ୍ବଖାଇ ଝାଟିରେ ପିଟାପିଟି ହୋଇ ଉତ୍ସବ ସାଙ୍ଗ କରନ୍ତି । ଏହିଦିନ କୁଆଙ୍ଗମାନେ ନୃତ୍ୟଗୀତରେ ସମୟ କାଟିଥାଆନ୍ତି । ଏହିଦିନ ଆମର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କର ଅଭିଷେକୋତ୍ସବ ମହାଡମ୍ବରରେ ପାଳନ କରାଯାଏ ।

ଶ୍ରୀକ୍ଷେତ୍ରରେ ବାରମାସର ତେର ଯାତ୍ରା ଅନୁଷ୍ଠିତ ହୁଏ ବୋଲି ପ୍ରବାଦ ଅଛି । ସ୍କନ୍ଦ ପୁରାଣ, ନୀଳାଦ୍ରି ମହୋଦୟ, ଯାତ୍ରା ଭାଗବତ, ବ୍ରହ୍ମ ପୁରାଣ, ଶାରଦା ପୁରାଣ ଓ ବାମଦେବ ସଂହିତା ଆଦିରେ ଦ୍ୱାଦଶ ଯାତ୍ରାର ବିବରଣୀ ଦେଖିବାକୁ ମିଳେ । ସେହି ଯାତ୍ରା ମାନଙ୍କ ମଧ୍ୟରୁ ପୁଷ୍ୟାଭିଷେକ ଯାତ୍ରା ଅନ୍ୟତମ । ପୌଷ ପୂର୍ଣ୍ଣମୀ ତିଥିରେ ମହାପ୍ରଭୁଙ୍କର ରାଜ୍ୟାଭିଷେକ ହୁଏ । ଏହି ରାଜ୍ୟାଭିଷେକକୁ ମଧ୍ୟ ପୁଷ୍ୟାଭିଷେକ ବୋଲି କୁହାଯାଏ । ଏହି ଉତ୍ସବରେ ଜଗନ୍ନାଥ ଭଗବାନ ରାମଚନ୍ଦ୍ର ଭାବରେ ଅଭିଷିକ୍ତ ହୁଅନ୍ତି । ଭଗବାନ ରାମଚନ୍ଦ୍ରଙ୍କୁ ଆଖି ଆଗରେ ରଖି ଏହି ଯାତ୍ରାଟି ପାଳିତ ହୁଏ । ଅଭିଷେକୋତ୍ସବ ପୂର୍ଣ୍ଣିମା ଦିନ ପାଳିତ ହେଉଥିଲେ ମଧ୍ୟ ଏହି ଉତ୍ସବର ଆନୁସଙ୍ଗିକ କର୍ମ ପୌଷଶୁକ୍ଳ ଏକାଦଶୀ ଦିନ ଶ୍ରୀଜିଉଙ୍କର ସନ୍ଧ୍ୟାଧୂପ ପରେ ସ୍ନାନ ମଣ୍ଡପ ନିକଟରେ ସମାହିତ ହୋଇଥାଏ । ଚତୁର୍ଦ୍ଦଶୀ ଦିନ ରାତ୍ରରେ ଶ୍ରୀଜିଉଙ୍କର ଚନ୍ଦନ ଲାଗି ବଢିବା ପରେ ଅଧିବାସ କର୍ମ ଅନୁଷ୍ଠିତ ହୁଏ । ଏହା ପୂର୍ବରୁ ଭୋଗମଣ୍ଡପ ଘରକୁ ଧୂଆ ଯାଇ ଚାନ୍ଦୁଆ ବନ୍ଧା ହୋଇ ରହିଥାଏ । ରୋଷକୂଅରୁ ନୂଆ ହାଣ୍ଡିରେ ଜଳ ଆଣି ରଖାଯିବା ସହ ଏକ ହାଣ୍ଡି ଘିଅ ପରଖ ମଧ୍ୟରେ ରଖା ଯାଇଥାଏ । ଘିଅକୁ ଏକୋଇଶ ଗରାରେ ଓ ଜଳକୁ ସତାଅଶୀ ଗରାରେ ବିଭକ୍ତ କରାଯାଇ ଚାନ୍ଦୁଆ ତଳେ ଚାରିପନ୍ତିରେ ରଖା ଯାଇଥାଏ । ଏହି ଗରା ମାନଙ୍କରେ ଚେମେଡ଼ି ପତନି ଘୋଡ଼ାଇ ଫୁଲଚନ୍ଦନ ଦିଆଯାଇ ଅଧିବାସ କଲା ପରେ ଦୁଆର ମାନ ବନ୍ଦ ହୋଇ ମୁଦ ଦିଆଯାଏ । ଅଧିବାସ ନିମନ୍ତେ ରଖା ଯାଇଥିବା ସତାଅଶୀ ଗରା ଜଳ ତିନ



ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ଭାଗ-୩

॥ ତିନି ॥

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଆମ ଗାଁର ଅନତି ଦୂରରେ ବହିଯାଉଥିଲା । କଳକଳ ଛଳଛଳ ସ୍ରୋତସ୍ୱିନୀଟିଏ । ଯା'ର ନାମ ଗଂଗା । ଗାଁ ଲୋକଙ୍କ ବିଶ୍ୱାସ ଗଂଗା କେବଳ ଏକ ନଦୀ ନୁହେଁ, ଆମ ସମସ୍ତଙ୍କ ମାଆ । ତେଣୁ ସମସ୍ତେ ତାକୁ ଡାକନ୍ତି ଗଂଗାମାତା । ମୋ ବାପା ମାଆ ବି ଗଂଗାମାତାଙ୍କୁ ବହୁତ ଭକ୍ତି କରୁଥିଲେ । ମୋ ମାଆଙ୍କ ମୁହଁରୁ ପିଲାଦିନରୁ ମୁଁ ଶୁଣିଆସିଛି ଗଂଗାମାତାଙ୍କ ବିଷୟରେ । ମାଆଙ୍କ ଆଖିରେ ସେ ଯେମିତି ଦେବୀ, ପୁଣ୍ୟତୋୟା ଜାହ୍ନବୀ । ମା କହନ୍ତି, ତାର ଜଳ କୁଆଡ଼େ କେବେ ଶୁଖେନି । ତେଣୁ ସେ ଚିରସ୍ରୋତା । ଜଳ ତାର ସ୍ୱଚ୍ଛ, ନିର୍ମଳ ।

ମାଆଙ୍କ ମୁହଁରୁ ସେଦିନ ମନଧାନ ଦେଇ ଶୁଣିଥିଲି ଗଂଗାର କାହାଣୀ । ହିମାଳୟରୁ କେମିତି ଭଗିରଥ ଗଂଗାକୁ ଓହ୍ଲାଇ ଆଣିଥିଲେ ଏକ ଅଭିଶପ୍ତ ବଂଶର ଉଦ୍ଧାର ପାଇଁ । ଗଂଗାର ପବିତ୍ର ଜଳର ସ୍ପର୍ଶରେ ସଗର ବଂଶ ଉଦ୍ଧାର ପାଇଥିଲା । ଗଂଗାର ଜନ୍ମବୃତ୍ତାନ୍ତ ମୋ ଆଗରେ ରହସ୍ୟମୟ ହୋଇ ଉଠୁଥିଲା । ମୁଁ କିଛି ଭାବିପାରୁ ନଥିଲି । ଗଂଗା ସତରେ କ'ଣ ଦେବୀ ନା ମାନବୀ । ମୁଁ ଯେମିତି ଅନୁଭବ କରୁଥିଲି, ଗଂଗାମାତାଙ୍କ ପ୍ରତି ମାଆଙ୍କ ମନରେ ଏକ ଦୁର୍ବଳତା ରହିଥିଲା । ଗଂଗାମାତାଙ୍କ କଥା କହୁକହୁ ମାଆ ଏମିତି ଭାବପ୍ରବଣ ହୋଇ ପଡୁଛନ୍ତି କାହିଁକି ? ଆଉ ସେସବୁ ବର୍ଣ୍ଣନା କରୁଥିବାବେଳେ ମୋତେ କୋଳରେ ବସାଇ ଆଦର କରୁଥାନ୍ତି । ମୋ କବଚ କୁଣ୍ଡଳ ଉପରେ ହାତ ବୁଲାଇ ଆଣୁଥାନ୍ତି । ମୁଁ କିଛି ଭାବିପାରୁ ନଥିଲି । ମୋର ଏହି କବଚ କୁଣ୍ଡଳ ଆଉ ଗଂଗାମାତାଙ୍କ ସହ ନିଶ୍ଚୟ କିଛି ସଂପର୍କ ରହିଅଛି । ମାଆ କିନ୍ତୁ ଖୋଲାଖୋଲି କିଛି ପ୍ରକାଶ କରୁନାହାଁନ୍ତି । ମାଆଙ୍କ ପ୍ରତିଟି କଥା ମୋ ମନରେ ସନ୍ଦେହ ଆଉ ରହସ୍ୟ ବଢ଼ାଇ ଦେଉଥିଲା । ମୁଁ ତାଙ୍କୁ ଯେତେ ଯେତେ ପ୍ରଶ୍ନ କରୁଥିଲି ସେ ଯେମିତି ଦ୍ୱନ୍ଦ୍ୱରେ ପଡୁଥିଲେ । ମୋ ପ୍ରଶ୍ନର ଉତ୍ତରକୁ ଏଡ଼ାଇ ଦେବାକୁ ଚେଷ୍ଟା କରୁଥିଲେ । ମୁଁ କିଛି ଭାବିପାରୁ ନଥିଲି । ମା' କ'ଣ ମୋର କବଚ କୁଣ୍ଡଳ ବିଷୟରେ ସଂପୂର୍ଣ୍ଣ ଅଜ୍ଞ । କି ଆଶ୍ଚର୍ଯ୍ୟ, ନିଜ ଜନ୍ମିତ ସନ୍ତାନ ବିଷୟରେ ମାଆ ଠାରୁ ଆଉ କ'ଣ କେହି ବେଶି ଜାଣେ । ହେଲେ, ମାଆ କାହିଁକି ମୋ ସନ୍ଦେହ ଦୂରୀଭୂତ କରି କିଛି ଖୋଲାଖୋଲି ପ୍ରକାଶ କରୁନାହାଁନ୍ତି । ତେବେ, ସତରେ କ'ଣ ମୁଁ ତାଙ୍କର ଜନ୍ମିତ ପୁତ୍ର ନୁହେଁ ? ଏଇ ମାଆ ଭିନ୍ନ ଆଉ ଜଣେ କେହି ମାଆ ମୋର ଥାଇପାରେ । ତେବେ କିଏ ସେଇ ମାଆ ? କେଉଁଠାରୁ ପ୍ରାପ୍ତ ହୋଇଛି ମୋର ଏ କବଚ କୁଣ୍ଡଳ । ମୋ ମାଆ ସେଦିନ ମୋ ସନ୍ଦେହୀ ମନର ପ୍ରଶ୍ନଗୁଡ଼ିକ ସମାଧାନ କରିପାରି ନଥିଲେ । କାହାକୁ ପଚାରିବି ଏ ପ୍ରଶ୍ନର ଉତ୍ତର ? ହେଲେ ସେଦିନ ମୋ ମନର ଅନ୍ତର୍ଦ୍ୱନ୍ଦ୍ୱକୁ ସମାଧାନ କରିବା ପାଇଁ କେହିବି ମୋ ପାଖକୁ ଆସି ନଥିଲେ । ମାଆଙ୍କର ପ୍ରତିଟି ବାକ୍ୟ ମୋ ମନରେ ଆଲୋଡ଼ନ ସୃଷ୍ଟି କରୁଥାଏ । ରହସ୍ୟର ମାୟା ଜାଲରେ ଛନ୍ଦିହୋଇ ମୁଁ ସେଦିନ ମ୍ରିୟମାଣ ପାଲଟି ଯାଇଥିଲି ।

ସକାଳୁ ଶଯ୍ୟା ତ୍ୟାଗକରି ଗଙ୍ଗାକୂଳକୁ ଗାଧୋଇବା ପାଇଁ ଘରୁ ବାହାରି ଆସିଲି । ସେଦିନ ଥିଲା ଏକ କୁହେଳିକାମୟ ପ୍ରଭାତ । କାର୍ତ୍ତିକମାସର ଘନକୁହୁଡ଼ି ଆଚ୍ଛାଦିତ କରି ରଖିଥାଏ ଗଙ୍ଗା ଉପରର ଆକାଶକୁ । ରାସ୍ତାଗୁଡ଼ିକ ଝାପ୍‌ସା ଦିଶୁଥାଏ । ଏମିତିକି ଗଙ୍ଗାତୀରର ଚମ୍ପାବନ ବି କୁହୁଡ଼ି ଘେରରୁ ତ୍ରାହି ପାଇ ନ ଥାଏ । ଅର୍ଦ୍ଧପ୍ରସ୍ଫୁଟିତ ଚମ୍ପାକଢ଼ିର ବାସ୍ନା ମହକିତ କରୁଥାଏ ସମଗ୍ର ବନସ୍ଥଳୀକୁ । ନିର୍ଜନ ଥିଲା ଗଙ୍ଗାତୀର । କୂଳରେ କିଛିସମୟ ଠିଆହୋଇ ଝରିଆଡ଼କୁ ନିରେଖି ଝହିଁଲି । ଗଙ୍ଗାକୁ ଭଲଭାବେ ଦେଖୁଥିଲି । ମାଆଙ୍କ କହିବା କାହାଣୀକୁ ମନେମନେ ବିଶ୍ଳେଷଣ କରୁଥିଲି । ଇଏ ତ ଛଳଛଳ କଳକଳ ସ୍ରୋତସ୍ୱିନୀଟିଏ । କିନ୍ତୁ ମାଆ କହୁଥିଲେ, ଗଙ୍ଗା ଦିନେ ଥିଲେ ସୁନ୍ଦରୀ ନାରୀଟିଏ । ଗଙ୍ଗା ନାମ ଉଚ୍ଚାରଣ କରି ମାଆ ହାତଯୋଡ଼ି ପ୍ରଣାମ କରୁଥିଲେ । ଗଙ୍ଗା ସାଧାରଣ ନାରୀଟିଏ ନ ଥିଲେ ସେ ଥିଲେ ଦେବୀ ପୂଜ୍ୟା, ନମସ୍ୟା ।

ଆଖପାଖରେ କେହି କୁଆଡ଼େ ନଥିଲେ । ଏତେ ସକାଳୁ କେହି ବା କାହିଁକି ଗାଧୋଇବାକୁ ଆସିବ ଏଠିକୁ । ପ୍ରାତଃ ସ୍ନାନ ମୋର କିନ୍ତୁ ପ୍ରିୟ । ଆଉ ଡେରି କରି ଲାଭ ନାହିଁ । ଏହାହିଁ ତ ପ୍ରକୃଷ୍ଟ ସମୟ ।

ତୁଠପଥର ଉପରେ ଲୁଗାପଟା ରଖିଦେଇ ଜଳ ମଧ୍ୟରେ ପ୍ରବେଶ କଲି । ମନେ ପଡ଼ିଯାଉଥିଲା ମାଆଙ୍କ କଥା । "ବେଶିସମୟ ଜଳରେ ରହିବୁ ନାହିଁ । ବେଶି ଭିତରକୁ ଯିବୁ ନାହିଁ...."

ମୋର କିନ୍ତୁ ମାଆଙ୍କ କଥା ମାନିବାକୁ ଇଚ୍ଛା ହେଲାନି । ନା...ନା....ମୁଁ ଆଜି ବେଶି ସମୟ ଜଳ ମଧ୍ୟରେ ରହିବି । ମାଆ କହୁଥିଲେ ମୋ ମନର ସଂଶୟକୁ ଗଙ୍ଗାମାତା ହିଁ କେବଳ ଦୂର କରିପାରିବେ । ତା'ଛଡ଼ା ଗଂଗା ଯଦି ଆମ ସମସ୍ତଙ୍କର ମାଆ, ତେବେ ତା କୋଳରେ ବେଶି ସମୟ କଟାଇବାରେ କ୍ଷତି କ'ଣ । ଜଳ ଭିତରକୁ ପଶିବିନି କାହିଁକି ? ଏମିତି ଅନେକ ପ୍ରଶ୍ନ ମଧ୍ୟରେ ମୁଁ ଜଳ ମଧ୍ୟକୁ ଧୀରେଧୀରେ ପ୍ରବେଶ କରୁଥିଲି। ଯେତେଯେତେ ଭିତରକୁ ପଶୁଥିଲି ସେତେ ଆନନ୍ଦ ପାଉଥିଲି । କୌତୁହଳ ବି ବଢୁଥିଲା ମନରେ ।

ଶୀତଳ ଗଂଗାଜଳ ମୋର ଅଂଗପ୍ରତ୍ୟଙ୍ଗକୁ ଛୁଇଁଛୁଇଁ ଯାଉଥାଏ, ସତେ ଯେମିତି ତାର ଢେଉ ଗୁଡ଼ିକ ମୋତେ ଚୁମିଚୁମି ଯାଉଥାଏ । ଖୁବ୍ ଭଲ ଲାଗୁଥିଲା ଗଂଗା ମଧ୍ୟରେ ଜଳକେଳି କରିବାକୁ । ଜଳ ମଧ୍ୟରୁ ଉଠି ଆସିବାକୁ ଇଚ୍ଛା ହେଉନଥିଲା ।

ମୋ ଦେହ ବୁଡ଼ି ରହିଥିଲା ଗଂଗାର ଶୀତଳ ଜଳରେ । ଦେହ ସିନା ଧୋଇ ଯାଉଥିଲା । ହେଲେ ମୋ ମନକୁ କିନ୍ତୁ ଧୋଇ ପାରୁ ନଥିଲି । ମୋ ମନରେ ଯେ ଅସଂଖ୍ୟ ପ୍ରଶ୍ନ । ମାଆ କହିଥିଲେ, ମୋ ମନରେ ଥିବା ପ୍ରଶ୍ନର ଉତ୍ତର କେବଳ ଗଂଗାମାତା ହିଁ ଦେଇପାରିବେ ।

କୁହ ମାଆ, ମୁଁ କିଏ ? କିଏ ମୋର ପିତାମାତା ? କ'ଣ ମୋର କୁଳଗୋତ୍ର ? ମୋ ମନକୁ ଯାହା ପ୍ରଶ୍ନ ଆସୁଥାଏ ସବୁ ସେଇ ଜଳକୁ ଲକ୍ଷ୍ୟକରି ମୁଁ ପଚାରି ଚାଲିଥାଏ। ଗଂଗାମାତା କିନ୍ତୁ ମୁହଁଖୋଲି ମୋତେ କିଛି କହୁନଥାନ୍ତି । ଶୀତଳ ଲହରୀ ମୋତେ ବାରବାର ଛୁଇଁଛୁଇଁ ଯାଉଥାଏ । ସେହି ଶୀତଳ ସ୍ପର୍ଶ ମୋତେ ଆମୋଦିତ କରୁଥାଏ । ମୋର ଏବେ କିଶୋର ବୟସ ସରିସରି ଆସୁଥାଏ । ଏକ ସୁନିବିଡ଼ ଅନୁରାଗରେ ଛଳଛଳ ଗଂଗାମାତାର ଜଳଧାର । କେତେ ସ୍ନିଗ୍ଧ, ପବିତ୍ର, ଆଶିଷରେ ଛଳଛଳ । ଶୀତଳ ଜଳର ସ୍ପର୍ଶ ସତେ ଯେମିତି ଗଂଗାମାତାର ଚୁମ୍ବନର ଚୁମ୍ବକରେ ଆକର୍ଷିତ କରୁଥାଏ । ସେହି ସ୍ନିଗ୍ଧ ସ୍ପର୍ଶ ମୋ ଦେହରେ ଭରି ଦେଉଥିଲା ଅସୀମ ଶକ୍ତି । ମୋ ମନରେ ବିପୁଳ, ଉତ୍ସାହ, ଉଦ୍ଦୀପନା, ବଞ୍ଚି ରହିବାର ଅଭୀପ୍‌ସା । ମୁଁ ଆଉ ଭୀରୁ ନୁହେଁ, ବାଳୁତ ନୁହେଁ, ଉପରକୁ ଉଠିବାର ଶକ୍ତି ଅଛି ମୋ ନିକଟରେ । ମୁଁ ପାରିବି, ନିଶ୍ଚୟ ପାରିବି । ନିଶ୍ଚୟ ଉପରକୁ ଉଠିପାରିବି ।

କୁହୁଡ଼ିରେ ଭରା ଶୀତଳ ପ୍ରଭାତରେ ବି ଗଂଗାର ଜଳ ମୋତେ ବେଶ୍ ଉଷୁମ ଲାଗୁଥିଲା । ଆମୋଦିତ କରୁଥିଲା । ମୋ ଶରୀରରେ କମ୍ପନ ଜାଗିବା ପରିବର୍ତ୍ତେ ବରଂ ସାହସ, ବଳ ଭରି ଦେଉଥିଲା । ମୋତେ ଯେମିତି ଲାଗୁଥିଲା, ମୁଁ ମୋ ମାଆର ବୁକୁତଳେ ହିଁ ରହିଛି । ଗଂଗାମାତାର କଳକଳ ଲହରୀର ଶବ୍ଦ ମୋ କାନରେ ବାଜୁଥିଲା । ମୋତେ ଲାଗୁଥିଲା ମୋ ପ୍ରଶ୍ନର ଉତ୍ତର ସେ ବୋଧେ କହୁଥିଲା । ହେଲେ ଲହରୀର ସେ ଅବୁଝା ଭାଷା ମୁଁ ବୁଝିପାରୁ ନଥିଲି । ମୋ ରାଧାମାଆ କିନ୍ତୁ କହିଥିଲେ, ମୋର ସମସ୍ତ ସନ୍ଦେହ ଗଂଗାମାତା ହିଁ ଦୂର କରିପାରିବେ । ମାଆ କେବେ ଭୁଲ୍ କହି ନଥିବେ । ଆଉ ସେଇଥିପାଇଁ ବୋଧେ ଗଂଗାମାତା ବି ମୋତେ କିଛି କହୁଛି ନିଶ୍ଚିତ । ହେଲେ, ମୁଁ ଯେ ତାର ଭାଷା ବୁଝିପାରୁନି । ଲହରୀକୁ ହାତପତାଇ ଧରିବାକୁ ଚେଷ୍ଟାକଲି। ଲହରୀ କିନ୍ତୁ ମୋତେ ଛୁଇଁଛୁଇଁ ଝଲି ଯାଉଥିଲା । ହାତରେ ଧରା ଦେଉନଥିଲା । ବୋଧହୁଏ ସେ କହୁଥିବ, ପୁତ୍ର ବସୁ! ଦେଖ, ମୋର ଏଇ ସ୍ୱଚ୍ଛ ଜଳଧାରକୁ । ଯାହା ପବିତ୍ର ପୁଣ୍ୟତୋୟା । ତୋ ଜୀବନ ବି ଠିକ୍ ଏମିତି ସ୍ୱଚ୍ଛ, ପବିତ୍ର । ତୋ ଜନ୍ମଜାତକକୁ ନେଇ ତୁ ଏମିତି ଭାଂଗିପଡୁଛୁ କାହିଁକି ? ସମୟ ଆସିବ ସବୁ ଜାଣିପାରିବୁ, ବୁଝିପାରିବୁ ।

ବାଃ ମନକୁ ମନ ହସିଲି । ମୂକ ହିଁ ବୁଝିପାରେ ମୂକର ଭାଷା । ଗୋଟିଏ ପଶୁ ବୁଝିପାରେ ସେହି ଜାତିର ପଶୁର ଭାଷାକୁ । ହେଲେ, ମୁଁ ମଣିଷ, ଜଳଧାର ନୁହେଁ । କିପରି ବୁଝିବି ଏ ଜଳଧାରର ପରିଭାଷାକୁ । ତଥାପି ମାଆଙ୍କ କଥା ଅନୁସାରେ ଗଂଗାମାତା ମୋତେ ନିଶ୍ଚୟ କିଛି କହିଥିବେ । ତେଣୁ ଯାହା ମନକୁ ସ୍ୱତଃ ବୁଝିଲି ତାକୁ ହିଁ ଧରିନେଲି ମୋର ଉତ୍ତର ।

ମନରେ କିନ୍ତୁ ଭରି ରହିଥିଲା ମୋର ଅଭିମାନ । ମାଆ କହିଥିଲେ ଗଂଗାମାତା ଖୁବ୍ ସ୍ନେହୀ, ଦରଦୀ । ହେଲେ, ମୁଁ ତ ଦେଖୁଛି, ସେ ଛଳନାମୟୀ । ରାଧା ମାଆ ଭଳି ସେ ମୋତେ ଠିକ୍ ସ୍ନେହ କରୁନାହାଁନ୍ତି । ତେବେ କ'ଣ ମୋ ପ୍ରତି ତାଙ୍କର ତାଚ୍ଛଲ୍ୟତା ଭରି ରହିଛି । ନା ଭାବୁଛନ୍ତି ମୁଁ ଏକ ଅପାଙ୍‌କ୍ତେୟ ବ୍ୟକ୍ତି ।

ଆରେ, ଏ କ'ଣ ମୁଁ କରୁଛି । ସ୍ନାନ କରିବାକୁ ଆସି ଅନେକ ସମୟ ଯେ ଏଠି ଅତିବାହିତ ହୋଇଗଲାଣି । ତୁଠ ଆଡ଼କୁ ଦୌଡ଼ିଲି । ଶୁଖିଲା ଉତ୍ତରୀୟ ବସନ ପିନ୍ଧି ଆର୍ଦ୍ର ଉତ୍ତରୀୟକୁ ଚିପୁଡ଼ି ଦେଲି । ନିତିଦିନ ପରି ସୂର୍ଯ୍ୟ ତର୍ପଣ ଆରମ୍ଭ କଲି । ପୂର୍ବଦିଗରେ ଅରୁଣର ଖଳଖଳ ପ୍ରବାହ । କନକ ସୁଷମାର ଅପୂର୍ବ ଝଲକ । ଅଂଶୁମାନର ଉଜ୍ଜ୍ୱଳ ହସ ହସ ମୁଖ ଦୀପ୍ତି । ପୂର୍ବାକାଶକୁ ଲୋହିତ କରି ସୂର୍ଯ୍ୟଦେବ ଉଇଁ ଆସୁଛନ୍ତି । ଖାଲି ତ ଉଇଁ ଆସୁ ନାହାଁନ୍ତି ସମଗ୍ର ପୃଥିବୀକୁ ନିଜ କନକ ରଶ୍ମିରେ ଉଦ୍‌ଭାସିତ କରି ଦେଇଛନ୍ତି । ଫୁଲି ଉଠୁଛି ଗଂଗାର ଜଳ । ସୂର୍ଯ୍ୟର ଉଜ୍ଜ୍ୱଳ ରଶ୍ମିରେ ସାରା ଜଗତରେ ନୂତନ ଜୀବନର ଉର୍ମିଳ ପ୍ରବାହ । ପ୍ରତିଟି ନୂତନ ସକାଳକୁ ସ୍ୱାଗତ ଜଣାଇ ବିହଙ୍ଗ କାକଳୀ ଗାଇଉଠିଛି ଜାଗୃତିର ମହାସଂଗୀତ । ସୂର୍ଯ୍ୟଦେବଙ୍କ କନକ ଶଙ୍ଖଧ୍ୱନି ହୋଇ ଉଠୁଥାଏ ମନ୍ଦ୍ରରୁ ମନ୍ଦ୍ରତର । ସତରେ କି ଚମତ୍କାର ଏ ପରିବେଶ । ସବୁଠୁ ବେଶି ଚମତ୍କାର ଆକାଶର ଏ ଲାଲିମା ।

ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ତର୍ପଣ କରି ଆଞ୍ଜୁଳା ଭରି ଜଳ ନେଉଛି ସେଥିରେ ହିଁ ପ୍ରତିବିମ୍ବିତ ହେଲେ ସ୍ୱୟଂ ସୂର୍ଯ୍ୟଦେବ । କି ଅପରୂପ ସେ କାନ୍ତି । ଜାଣେନା, କାହିଁକି, ଏହି ସୂର୍ଯ୍ୟଦେବଙ୍କୁ ଦେଖିଲେ ଲୋଭାତୁର ଆଖିଦୁଇଟି ଆହୁରି କମନୀୟ ହୋଇଯାଏ । ଇଚ୍ଛାହୁଏ ବାରମ୍ବାର ତାଙ୍କୁ ନିରେଖି ଝହିଁବାକୁ। ଆଉ ଯେତେଥର ମୁଁ ସୂର୍ଯ୍ୟଦେବଙ୍କୁ ଝହିଁଥାଏ, ସେତେଥର ସେ ମୋ ସମ୍ମୁଖରେ ଉଭା ହୁଅନ୍ତି ଏକ ନୂତନ ଓ ଭବ୍ୟରୂପର ସମ୍ଭାର ନେଇ । ଅନେକଥର ମୁଁ ସୂର୍ଯ୍ୟଦେବଙ୍କୁ ଲକ୍ଷ୍ୟ କରିଛି, କେଜାଣି କାହିଁକି ତାଙ୍କର ପ୍ରଖର ରଶ୍ମିର ତାତି ମୋତେ କେବେ କାଟେନାହିଁ । ବଡ଼ ବିଚିତ୍ର ଓ ବିସ୍ମୟ ଲାଗେ ମୋତେ । ମନକୁ ଆସେ ଅଜସ୍ର ପ୍ରଶ୍ନ। କିଏ ଏହି ସୂର୍ଯ୍ୟଦେବ । ମୋ ମନରେ ତାଙ୍କ ପ୍ରତି ଏତେ ଦୁର୍ବଳତା ଆସୁଛି କାହିଁକି ? ମୋ ମନରେ ଏତେ ପ୍ରତ୍ୟୟ ବା ଭରି ଦେଇଛନ୍ତି କାହିଁକି ? ସତେ କ'ଣ ମୋତେ ସେ ଆଶୀର୍ବାଦର ହାତ ପ୍ରସାରି ଦେଇଛନ୍ତି ନା ମୋ ସହ ତାଙ୍କର କିଛି ଭାବ ବିନିମୟ ହେଉଛି ନିରବରେ । ମୋର ନିଜସ୍ୱ ଏକ ଅହେତୁକ ଆକର୍ଷଣ ଏହି ସୂର୍ଯ୍ୟଦେବଙ୍କ ପ୍ରତି। ଜାଣେନା, କେଉଁ ଜନ୍ମ ଜନ୍ମାନ୍ତରେ ହୁଏତ ସୂର୍ଯ୍ୟଦେବଙ୍କ ସହ ମୋର କିଛି ସଂପର୍କ ଥିବ। ନହେଲେ ତାଙ୍କର କାହିଁକି ମୋ ପ୍ରତି ଏତେ ଆଶୀର୍ମୟ ।

(କ୍ରମଶଃ)

ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

ଆଜିର କବିତା

କିଛି ଫୁଲ...

ପ୍ରିୟଦର୍ଶିନୀ ମହାପାତ୍ର

କିଛି ଫୁଲ ବାସ ମହାକାଏ ଏଠି
କିଛି ଫୁଲ ଥାଏ ତାଜା
କିଛି ଫୁଲ ଶୋଭା ବିଭୂଙ୍କ ପାଖରେ
ଆଉ କିଛି ହୁଏ ସଜା ।

ମୋ ଜୀବନ ଏକ ଏମିତିକା ଫୁଲ
ନାହିଁତ ବାସନା ଏଠି
ଛୁଇଁ ପାରେନାହିଁ ଠାକୁର ଚରଣ
ଜାଗ ଯଜ୍ଞ ବା କୋଉଠି ।

ବଞ୍ଚିବା ପାଇଁକି ସଂଗ୍ରାମ କରେ
ମନେ ମୁଁ ଗୁମୁରି ଗୁମୁରି
ଏ ଆଖିରୁ ଲୁହ ନିତି ଝରୁଥାଏ
ଭାଗ୍ୟକୁ ସୁମରି ସୁମରି ।

କେଉଁ ପାପ ପାଇଁ ପାଇଥିଲି ଏଇ
ନରକ ଯନ୍ତ୍ରଣା ଜୀବନ
ଫୁଲ ପରି ମହାକାଇ ପାରୁନାହିଁ
କାହିଁକି ମୁଁ ମୋର ସପନ ।

+ଜୟଦେବବିହାର
ପୋଲିସ କଲୋନି
ଭୁବନେଶ୍ୱର

ବିଚ୍ଛେଦ ...

ରନ୍‌କାନ୍ତି ମିଶ୍ର

ତୁମେ ଆଣିଥିଲ ଫଗୁଣରେ ଫଗୁ
ଭରି ଦେଇଥିଲ ପ୍ରୀତି
ଚାଲିଗଲ ପୁଣି ନିର୍ମୋହ ନିଦାଘେ
ଝୁରେ ଏବେ ଦିନରାତି ।

ବୁଝିବାକୁ କେବେ ଚାହିଁଲନି ଥରେ
ହୃଦୟ ତଳର କଥା
ସାନ୍ତ୍ୱନା ପଦିଏ ଯାଚି ବି ଦେଲନି
ଦେଇଗଲ ଯାହା ବ୍ୟଥା ।

ବିଦାୟ ମୁହୂର୍ତ୍ତ ଭୁଲି ମୁଁ ପାରିନି
ଦିଶିଯାଏ ତୁମ ମୁହଁ
ମୁରୁକି ହସରେ ଫିକା ଦିଶୁଥିଲ
ଆଖିରେ ଲୁଚାଇ ଲୁହ ।

କଥା ଦେଇଥିଲ ସଅଳ ଫେରିବ
ତୁମ ବାଟ ଥିଲି ଚାହିଁ
ସପନରେ କାଳେ ଆସିଥାନ୍ତ କାଳେ
ରାତି ଯାଇଥିଲା ପାହି ।

ମିଳନର ଆଶା ମଉଳି ଯାଉଛି
ମନରୁ ବି ସରସତା
ତୁମେ ଗଲାପରେ ଚାରିଆଡେ ମୋର
ଅହେତୁକ ନୀରବତା ।

ଅନାହୂତ ସ୍ୱପ୍ନ ଉଜାଟିତ କେବେ
ଜାଗରିତ କରେ ତୃଷ୍ଣା
ସ୍ମୃତି ମିଛେ ଆସି ସୁରଭିତ କରେ
ଭଲ ପାଇବାର ବାସ୍ନା ।

+ଆଳି ,କେନ୍ଦ୍ରାପଡ଼ା

ସମ୍ପର୍କ

ବିଜୟଲକ୍ଷ୍ମୀ ପାଣିଗ୍ରାହୀ

ସମ୍ପର୍କଟା ଏକ ସୂକ୍ଷ୍ମ ସୂତା ଖିଅ
ବିଶ୍ୱାସରେ ହୁଏ ଜୟ।
ଦୁନିଆ ଭିତରେ ବଞ୍ଚିବା ସରସେ
ଜୀବନ ଆନନ୍ଦମୟ ।

ପ୍ରୀତି ପରଶରେ ନିଃସ୍ୱାର୍ଥ ଭାବରେ
ସମ୍ପର୍କ ଟି ବନ୍ଧାଥିଲେ
ଦୂରୁହ ହୁଏନି ସମୟ ସାରିବା
ସୁଖେ ଦୁଃଖେ ବିତି ଚାଲେ।

ସମ୍ପର୍କ ସମ୍ପତି ବଡ଼ ସବୁଠାରୁ
ତା ପାଇଁ ଯତ୍ନରେ ଥାଉ।
ଜହର ପିଆଇ କିଛି ସପନକୁ
ମାରିବାକୁ ବାଧହେଉ ।

ସପନ ମରିଲେ ନୂଆ ସପନରେ
ନୂଆ ଆନନ୍ଦ ମିଳଇ।
ସମ୍ପର୍କ ମରିଲେ ସାରା ଜଗତଟା
ଅନ୍ଧକାର ଦିଶୁଥାଇ ।

ମିଛ ଛଳନାରେ ଗଢ଼ିବା ସମ୍ପର୍କ
ମହାକାଳ ଫଳ ଅଟେ ।
ଝୁଣ୍ଟି ପଡୁଥିବ ଆଗକୁ ନ ଯିବ
ସମୟରେ ଚଳାବାଟେ ।

+ ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ-୮୨୪୯୪୫୦୦୫୦

ଉପହାର

ରଶ୍ମୀ ସାମଲ

ଜହ୍ନର ପ୍ରଥମ ଆଲୁଅରେ
କୋଷ୍ଠା ଭରା ଚାନ୍ଦିନୀ ତିଥିରେ
ତୁମେ ଦେଇଥିବା ଉପହାର ସବୁ
ହୃଦୟରେ ମୋର ସାଇତି ରଖିଛି ।

ସେଇ ନିଦ୍ରା ହୀନ ରାତି
କିଛି ଭୁଲିଥିବା ରାସ୍ତା
ଆଉ ଦିଗ ହୀନ ଆଶା
ପ୍ରେମର ମୃଦୁମଳୟ ,
ସେ ଦିନର ସେ
ରୋମାଞ୍ଚକ ମିଳନ ମୁହୂର୍ତ୍ତ
ସୁଖଦ ସମ୍ଭାବନା,
ସବୁ ସାଇତି ରଖିଛି ।

ଜାଣିଛି ,
ଚାଲି ଯାଉଥିବା ଲୋକକୁ
ଅଟକାଇ ପାରିବିନି,
ମରୀଚିକା ସିନା ଦୂରରୁ ସୁନ୍ଦର ,
ସେଠି ତ କେବେ ତୃଷା ମେଣ୍ଟିବନି ।

ସାଗର କୂଳେ ବସି
ମଧୁର ଜଳ ମୁଁ କେମିତି ପାଇବି,
ପ୍ରେମ ଥିଲା ଦିନେ
ଯାହା ଆଜି ତାହା ଛଳନା ।

କଣ ହରେଇଲି
କଣପାଇଲି ହିସାବ ରଖିନି ,
ଉପରେ ଉପରେ ହସ ମୁ ହସୁଛି
ଭିତରେ କେତେ ମୁଁ ଲୁଚାଇ କାନ୍ଦୁଛି
ଏଠି ସ୍ୱପ୍ନ ପରା ସବୁ ଦୁଃସ୍ୱପ୍ନ
ସବୁ ଦାଗ ଏଠି ସମୟ ପୋଛିଟି,
ମନରେ ଥିବା ସବୁ ଅଶାନ୍ତ ଝଡକୁ
କିପରି କବର ଦେବାକୁ ପଡ଼ିଛି।

କିନ୍ତୁ ....
ତମେ ଦେଇଥିବା
ଉପହାର ମୁ ସାଇତି ରଖିଛି ,
ସାଇତି ରଖିଛି ।

୯୪୩୭୧୧୫୮୬୫
+ଭୁବନେଶ୍ୱର
ମୋ:୯୪୩୭୧୧୫୮୬୫

ତ୍ୱଚାର ଚମକ ବଢ଼ାଇବ ବନ୍ଧାକୋବି

ନିଜ ମୁହଁକୁ ସୁନ୍ଦର କରିବା ପାଇଁ ସମସ୍ତେ ଚାହାନ୍ତି । ଏଥିପାଇଁ ଅନେକ ଫେସ ପ୍ୟାକ୍ ଓ ବିଭିନ୍ନ ବ୍ୟୁଟି କ୍ରିମ ବ୍ୟବହାର କରିଥାନ୍ତି । ସେହିପରି ଅନେକ ଲୋକେ ପ୍ରାକ

ବିଦାୟ କାଳୀନ ସମ୍ବର୍ଦ୍ଧନା

ବାରିପଦା ,୨୭।୧ (ନି.ପ୍ର): ଓଡିଶା ମେଡିକାଲ, କର୍ମଚାରୀ ସଂଘ, ମୟୂରଭ ଜିଲ୍ଲା ଶାଖା, ବାରିପଦା, ସଂଘଗୃହଠାରେ ୭୨ତମ ସାଧାରଣ ତନ୍ତ୍ର ଦୀବସ ପାଳନ ହୋଇଯାଇଛି । ଏହି ଦୀବସରେ ଜିଲ୍ଲା ମୂଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପାଭାନୁ ମିଶ୍ର ପତାକା ଉତ୍ତୋଳନ କରିଥିଲେ । ଚାକିରୀରୁ ଅବସର ନେଇଥିବା, କାହ୍ନୁଚରଣ ସିଂଘଙ୍କୁ ଓଡିଶା ମେଡିକାଲ କର୍ମଚାରୀ ସଂଘ ତରଫରୁ ଅବସର କାଳୀନ ସମ୍ବୋର୍ଦ୍ଧନା କଣାକ ଚକ୍ରଦେଇ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ରାଜ୍ୟ ଉପ-ସଭାପତି, ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ ସୁସିଲ କୁମାର ସାହୁ, ସହ ସମ୍ପାଦକ ଦିଲ୍ଲିପ କୁମାର ମିଶ୍ର, ମେଡିକାଲ କଲେଜର୍‌ର ସମ୍ପାଦକ ମହେନ୍ଦ୍ର ପଲେଇ, କୋଷାଧକ୍ଷ ସୁବୋଧ ଜେନା ଏବଂ କର୍ମକର୍ତ୍ତା ବୃନ୍ଦ, ସନ୍ତୋଷ ନାୟକ, ପ୍ରମୋଦ କୁମାର ଦାଶବାବୁ, ଅରୁଣ ଦାଶ, ପ୍ରଭାକର ବେହେରା, ସୁବାସିନୀ ବେଣ୍ଟକାର, ସୁଚିସ୍ମିତା ମହାକୁଡ, ମମତା ସାହୁ, ସୁଲିତା ସୋରେନ, ସୁରେନ୍ଦ୍ର ମୁଖି, ଜୟନ୍ତ ମୁଖି, ବିଜୟ ବିଶ୍ୱାଳ, ମମତା ସାହୁ ପ୍ରମୁଖ ଉପସ୍ଥିତିରେ ବିଦାୟ କାଳୀନ ଉତ୍ସବ ପାଳନ କରାଯାଇଥିଲା ।

ବିଦ୍ୟାଳୟରେ ପୋଷାକ ବଣ୍ଟନ

ଜଳେଶ୍ୱର,୨୭।୧ (ନି.ପ୍ର): ସାଧାରଣତନ୍ତ୍ର ଦିବସ ପରିପ୍ରେକ୍ଷୀରେ ମଂଗଳବାର ଜଳେଶ୍ୱର ବ୍ଲକର କୁଆଁରପୁର ବିଶେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କୋଭିଡ୍ -୧୯ ନିୟମ ଅନୁଯାୟୀ ମାଗଣାରେ ପୋଷାକ ଓ ଜୋତା ବଣ୍ଟନ କରାଯାଇଛି । ଉକ୍ତ ବଣ୍ଟନ ଉତ୍ସବରେ ପ୍ରଧାନ ଶିକ୍ଷକ ହେମନ୍ତକୁମାର ଦାସଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷିକାମାନେ ଉପସ୍ଥିତ ଥିଲେ ।

ଭାରତରୁ କରୋନା ଟିକାର ୩ ମିଲିୟନ ଡୋଜ କିଣିବ ଶ୍ରୀଲଙ୍କା

ନୂଆଦିଲ୍ଲୀ,୨୭।୧ (ନି.ପ୍ର): ଭାରତରୁ କରୋନା ଟିକାର ୨-୩ମିଲିୟନ ଡୋଜ କିଣିବ ଶ୍ରୀଲଙ୍କା । ସେରମ ଇନଷ୍ଟିଚ୍ୟୁଟ ତିଆରି କରୁଥିବା କରୋନା ଟିକା କୋଭିଶିଲ୍ଡ ଟିକା ଶ୍ରୀଲଙ୍କାରେ ପହଞ୍ଚିବ ଏବଂ କଲମ୍ବୋ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ ଏହାକୁ ଗ୍ରହଣ କରିବେ । ମୋଟ ୨୫୦,୦୦୦ ଲୋକ; ମୁଖ୍ୟତଃ ସ୍ୱାସ୍ଥ୍ୟକର୍ମୀ,ପୁଲିସ କର୍ମୀ ଏବଂ ଗୁରୁତର ରୋଗରେ ପୀଡ଼ିତ ଥିବା ବୃଦ୍ଧଙ୍କୁ ଏହି ଟିକା ଦିଆଯିବ । ଭାରତ ସମେତ ଚୀନରୁ ୩୦୦,୦୦୦ ମାଗଣା ଟିକା ଆସିବା ସହ ଟିକା ପାଇଁ ଶ୍ରୀଲଙ୍କା ସରକାର ଋଷକୁ ମଧ୍ୟ ଅନୁରୋଧ କରିବେ ବୋଲି ଜଣାପଡ଼ିଛି । ତେବେ ଜାନୁଆରି ୨୬ପର୍ଯ୍ୟନ୍ତ ଶ୍ରୀଲଙ୍କାରେ ପାଖାପାଖି ୬୦,୦୦୦ଜଣ କରୋନା ଆକ୍ରାନ୍ତ ହୋଇଥିବା ବେଳେ ୨୮୮ଜଣଙ୍କର ମୃତ୍ୟୁ ଘଟିଛି । ଭାରତ ଶ୍ରୀଲଙ୍କା ସମେତ ଭୁଟାନ, ମାଲଦ୍ୱୀପ, ନେପାଳ, ବାଂଲାଦେଶ, ମିଆଁମାର, ମରିସସ୍ ଏବଂ ସେସେଲ୍ସକୁ କରୋନା ଟିକା ପଠାଇ ସାରିଥିବା ଜଣାପଡ଼ିଛି । ଭାରତରେ ଦୁଇଟି କରୋନା ଟିକା କୋଭିସିଲ୍ଡ ଏବଂ କୋଭାକ୍ସିନକୁ ଜରୁରୀକାଳିନ ବ୍ୟବହାର ପାଇଁ ଅନୁମତି ମିଳିବା ପରେ ଏବେ ବିଶ୍ୱରେ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

ଉପଖଣ୍ଡରେ ଜଂଘା ବଡ଼ଦେଓଙ୍କ ପୂଜୋତ୍ସବ

ବଣାଇଁଗଡ଼,୨୭।୧ (ନି.ପ୍ର): ବଣାଇଁ ବ୍ଲକ୍ ଅନ୍ତର୍ଗତ ସରସରା ଗ୍ରାମଠାରେ ଷଡ଼ବଂଶୀ ଗୌଣ୍ଡ ସମାଜ ଆଞ୍ଚଳିକ ପକ୍ଷରୁ ଜଂଘା ବଡ଼ଦେଓଙ୍କ ପୂଜାଜୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଜଂଘା ମନ୍ଦିର ପ୍ରାଙ୍ଗଣରେ ପୂଜକ ଅରୁଣ ଭୋଇ ଜଂଘା ବଡ଼ଦେଓଙ୍କୁ ପୂଜାର୍ଚ୍ଚନା କରିବା ପରେ ଭକ୍ତମାନେ କାନ୍ଧରେ ବୋହି ଗାଁ ପରିକ୍ରମା କରିଥିଲେ । ଏଥିରେ ଭକ୍ତ ଓ ମହିଳାମାନେ ଗାଁର ପୋଖରୀରୁ ଜଳପୂର୍ଣ୍ଣ କଳସ ମୁଣ୍ଡରେ ଧରି ଜଂଘା ବଡ଼ଦେଓଙ୍କ ମନ୍ଦିରକୁ ଆଣି ଜଳଲାଗି କରିଥିଲେ । କାର୍ଯ୍ୟକ୍ରମକୁ ସରସରା ଅଞ୍ଚଳିକ କମିଟିର ସଭାପତି ଅଲେଖ ଚନ୍ଦ୍ର ଚାର୍ଡିଆ, ସମ୍ପାଦକ ଭୀମସେନ, କୋଷାଧକ୍ଷ ରବୀନ୍ଦ୍ର ପ୍ରଧାନ, ଖଗେଶ୍ୱର ସିଂ ଦଣ୍ଡପାଟ, କମଳ ନାୟକ, ବୀର ବିଚିତ୍ରସେନ ନାୟକ, ଗଙ୍ଗାଧର ଅଟି, ରଥାଙ୍ଗ ବଡ଼ନାୟକ, ସତ୍ୟବ୍ରତ ବଡ଼ନାୟକ, ଲଛମନ ନାୟକ, ଗଧାଦର ନାୟକ, କ୍ଷମାକର ଅଟି, ସାଗର ଅଟି, ବାବୁଲି ଅଟି ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳାନାରେ ସହାୟତା କରିଥିଲେ ।

ରେଳ ଚଳାଚଳ ଲାଗି ଜଳେଶ୍ୱରବାସୀଙ୍କ ପକ୍ଷରୁ ଡିଆର୍‌ଏମ୍ ପକ୍ଷରୁ ଦାବିପତ୍ର

ଜଳେଶ୍ୱର,୨୭।୧ (ନି.ପ୍ର): ଦୀର୍ଘ ୧୦ମାସ ଟ୍ରେନ ଚଳଚଳ ବନ୍ଦ ରହିଥିବାରୁ ସାଧାରଣ ଲୋକଙ୍କ ଜୀବନଜିବୀକା ଉପରେ ଗଭୀର ପ୍ରଭାବ ପଡୁଥିବାରୁ କୋଭିଡ୍ ଆଇନ୍ ଅନୁଯାୟୀ ଖୁବ୍‌ଶୀଘ୍ର ଟ୍ରେନ ଚଳାଚଳ କରିବାକୁ ଜଳେଶ୍ୱରବାସୀଙ୍କ ପକ୍ଷରୁ ଖଡଗପୁର ଡିଆର୍‌ଏମ୍‌ଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଏଥିପୂର୍ବରୁ ଗତ ୧୮ତାରିଖରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ତାହାର କୌଣସି ସୁଫଳ ନ ମିଳିବାପରେ ଏହା ଶେଷ ଦାବୀପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି । ଚଳିତମାସ ଶେଷ ସୁଦ୍ଧା ଖଡଗପୁର-ଭଦ୍ରକ ମଧ୍ୟରେ ପାସେଞ୍ଜର ଟ୍ରେନ ଚଳାଚନ ନ କଲେ ତହିଁ ପରଦିନ ଷ୍ଟେସନ କାର୍ଯ୍ୟାଳୟକୁ ଅଚଳ କରାଯିବା ସହିତ ରେଳଲାଇନ୍‌କୁ ଓହ୍ଲେଇବାକୁ ବାଧ୍ୟ ହେବେ ବୋଲି ଆଜି ଅରୁଣ କୁମାର ବେଜ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ସୋମବାର ହଳଦୀପଦା ରେଳ ଷ୍ଟେସନର ପ୍ରଶସ୍ତି କରଣ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବା ଖଡଗପୁର ରେଳ ଡିଭିଜନ୍‌ର ଡିଆର୍‌ଏମ୍ ମନୋରଂଜନ ପ୍ରଧାନଙ୍କୁ ଜଳେଶ୍ୱରର ଛାମୁଆ ସଂଗଠନ ସମାଜ କଲ୍ୟାଣ ବିକାଶ ପରିଷଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସଂପାଦକ ଏଡଭୋକେଟ ରାମଚନ୍ଦ୍ର ଜେନା, ଶରତ ଚନ୍ଦ୍ର ପରିଡା, ଆଦିତ୍ୟ ପାତ୍ର, ରେଲ ୟୁଜର୍ସ କମିଟିର ସୁକୁମାର ରଣା ଓ ଅରୁଣ ବେଜ ପ୍ରମୁଖ ଭେଟି ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଏ ସଂପର୍କରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସେମାନେ କହିଛନ୍ତି ।

ଆଧାତ୍ମିକ ପୁରୁଷ ମଧୁସୂଦନ ପାଣିଙ୍କ ସ୍ମୃତି ସମାରୋହ

ଭଦ୍ରକ,୨୭।୧ (ନି.ପ୍ର): ଐତିହାସ୍ୟ ସଂପନ୍ନ ନଳେଶ୍ୱର ମହାଦେବଙ୍କ ପୀଠ ତଥା ୬ ଲୋକକବି ଜଗନ୍ନାଥ ପାଣିଙ୍କ ଜନ୍ମସ୍ଥଳୀ ନଳାଙ୍ଗ ଠାରେ ଲୋକ କବି ସ୍ମୃତ କମିଟିର ମୁଖ୍ୟ ବର୍ଷୀୟାନ ସମାଜସେବୀ, ଅନୁଷ୍ଠାନ ପ୍ରେମୀ, କଳା ଓ ସଂସ୍କୃତିର ପୂଜାରୀ ତଥା ମଧୁସୂଦନ ପାଣିଙ୍କ ଏକାଦଶାହ ଅବସରରେ ଏକ ମନୋଜ୍ଞ ସ୍ମୃତିଚାରଣ ସଭା ତା ୨୫/୧ରିଖ ନଳାଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି । ତାଙ୍କ ପରି ଜଣେ ବରେଣ୍ୟ ଭଲ ମଣିଷଙ୍କ ସ୍ମୃତି ଆଗାମୀ ପିଢୀକୁ ଆଲୋକିତ କରିବ ବୋଲି ମତ ପ୍ରକାଶ ପାଇଛି । ବାରିକପୁର ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗୟାଧର ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରଷ୍କାର ପାତ୍ର ଗାଳ୍ପିକ ପବିତ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି,ନାଟ୍ୟଶ୍ରୀ ନିର୍ମଳ ରାଉତ, ମନମୋହନ ସଙ୍ଗୀତ ପରିଷଦର ଅଧକ୍ଷ କେଶବ ଚନ୍ଦ୍ର ଯେନା,ଜଗନ୍ନାଥ ପାଣିଙ୍କ ପୌତ୍ର ବ୍ରଜ ସୁନ୍ଦର ପାଣି ଓ ଭଗବାନ ବରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ବିଭୁପ୍ରସାଦ ପାଣି,ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ, ପ୍ରାଧ୍ୟାପକ ମୁରାରୀକାନ୍ତ ଦାସ ମହାପାତ୍ର, ବିଷ୍ଣୁ ଚରଣ ପୃଷ୍ଟି,ହେମନ୍ତ କୁମାର ନାୟକଓ ରାମନାରାୟଣ ତ୍ରିପାଠୀ ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଶେଷରେ ସନ୍ତୋଷ କୁମାର ପାଣି ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଜିଲ୍ଲା ପୋଲିସ ଓ ମୟୂରଭଂଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ସଡକ ସୁରକ୍ଷା ସଚେତନା କାର୍ଯ୍ୟକ୍ରମ

ବାରିପଦା,୨୭।୧ (ନି.ପ୍ର): ମୟୂରଭ ପୋଲିସ ପ୍ରଶାସନ ଏବଂ ମହାରାଜପୁରସ୍ଥିତ ମୟୂରଭଂଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ମିଳିତ ଭାବେ ପୂର୍ବାହ୍ନ ୧୧ ଘଟିକା ଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ତକତପୁରସ୍ଥିତ ମୟୂରଭଂଜ ଆଇନ ମହାବିଦ୍ୟାଳୟ ସମ୍ମୁଖରେ ସଡକ ସୁରକ୍ଷା ଏବଂ ଟ୍ରାଫିକ ନିୟମ ସମ୍ପର୍କୀୟ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଂଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନେ ବାଇକ ଚାଳକମାନଙ୍କୁ ହାତ ଯୋଡି ହେଲମେଟ ପିନ୍ଧିବା ପାଇଁ ନିବେଦନ କରିଥିବା ସହ ହେଲମେଟ ପିନ୍ଧିବାର ଉପକାରିତା ବିଷୟରେ ଅବଗତ କରିବା ସହିତ ହେଲମେଟ ପିନ୍ଧିଥିବା ଚାଳକମାନଙ୍କୁ ବିଶେଷଭାବେ କୃତଜ୍ଞତା ଜଣାଇବା ସହ ଚକୋଲେଟ ଓ ଗୋଲାପଫୁଲ ପ୍ରଦାନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମକୁ ବାରିପଦା ସଦର ଥାନା ଆଇ.ଆଇ.ସି. ପ୍ରେମଦା ନାୟକଙ୍କ ସହ ସମାଜସେବୀ ଚନ୍ଦନା ଶେଜପଡା, ମୟୂରଭଂଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ମୀରା ସେନାପତି, ବିଜୟା ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ସ୍ୱେଚ୍ଛାସେବୀ ଶୁଭଶ୍ରୀ ସାହୁ, ନେହାରାଣୀ ମହାନ୍ତ, ସ୍ୱାଗତିକା ଖିଲାର, ଶୁଶ୍ରୀ ଲେଙ୍କା, ମଧୁମିତା ବେହେରା, ଶୁଭଶ୍ରୀ ରାଉତରାୟ, ସସ୍ମିତା ହାଁସଦା, ମଧୁସ୍ମିତା ବେହେରା, ହରପ୍ରିୟା ସିଂ, ମନିକା ହାଁସଦା, ଭାଗ୍ୟବତୀ ନାୟକ, ମିନାକ୍ଷୀ ମହାନ୍ତ, ଭାନୁପ୍ରିୟା ମହାନ୍ତ, ହରସିତା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଅବହେଳିତ ବାଲିବୋ ପ୍ରାଣୀ ଚିକିତ୍ସାଳୟ ୧୦ ବର୍ଷ ହେଲା ନାହାନ୍ତି ପ୍ରାଣୀ ନିରୀକ୍ଷକ

ବାଲିବୋ ,୨୭।୧ (ନି.ପ୍ର): ଭୁବନ ବ୍ଲକ୍ ଅନ୍ତର୍ଗତ ବାଲିବୋ ପଞ୍ଚାୟତରେ ଏକ ସରକାରୀ ପ୍ରାଣୀ ଚିକିତ୍ସାଳୟ ଅଛି । ହେଲେ ବଡ଼ ଦୁଃଖର ବିଷୟ ଯେ, ସେଠାରେ କୌଣସି ପ୍ରାଣୀ ନିରୀକ୍ଷକଙ୍କୁ ନିଯୁକ୍ତି କରାଯାଇ ନାହିଁ । ଦୀର୍ଘ ୧୦ ବର୍ଷ ପରେ ବି ଏଥିପ୍ରତି ସରକାରଙ୍କର କୌଣସି ଦୃଷ୍ଟି ପଡୁନାହିଁ । ପ୍ରାଣୀ ନିରୀକ୍ଷକଙ୍କ ଅନୁପସ୍ଥିତି ଯୋଗୁଁ ବହୁ ଗୃହପାଳିତ ପ୍ରାଣ ସାମାନ୍ୟ ରୋଗରେ ମଧ୍ୟ ମୃତ୍ୟୁବରଣ କରୁଛନ୍ତି । ଏଭଳି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଗ୍ରାମର ବିଜେଡି ନେତା ଶ୍ରୀବତ୍ସ ଦାଶ କରିଛନ୍ତି ଯେ, ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବା ଉଚିତ ।

୬୦ ନମ୍ବର ଜାତୀୟ ରାଜପଥରେ ୬୦ଫୁଟ ତଳକୁ ଖସିଲ ବସ୍ : ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଜଳେଶ୍ୱର,୨୭।୧ (ନି.ପ୍ର): ସରକାର ଜାତୀୟ ସଡକ ସୁରକ୍ଷା ମାସ ପାଳନ କରୁଥିବା ବେଳେ ସୋମବାର ରାତିରେ ଏକ ବସ୍ ଦୁର୍ଘଟଣା ଘଟି ଯାଇଛି । ଓଡିଶା ପଶ୍ଚିମବଂଗ ଉପାନ୍ତ ୬୦ନଂ ଜାତୀୟ ରାଜପଥ ଆଗୁଆଁ ଛକ ନିକଟରେ କଲିକତା-ଅନୁଗୁଳ ଡାଇନା ଶୀତତାପ ନିୟନ୍ତ୍ରୀତ ବସ୍ ଓଡି ୨୨କେ-୭୭୨୭ ମଧ୍ୟରାତ୍ରୀରେ ଭାରସାମ୍ୟ ହରାଇ ରାସ୍ତାକଡ ୬୦ଫୁଟ ଗଭୀର ନୟନଯୋରିକୁ ଓଲଟି ପଡିଥିଲା । ଘନ କୁହୁଡି ହୋଇଥିବାରୁ ରାସ୍ତା ଉପରେ ଖରାପ ହୋଇଥିବା ଜେସିବି କୁ ସାଇଡ୍ ଦେବାକୁ ଯାଇ ଅନ୍ୟଏକ ଟ୍ରକ୍‌ରେ ଧକ୍କା ହେବା ଫଳରେ ଏପରି ଦୁର୍ଘଟଣା ଘଟିଥିବା ଯାତ୍ରୀମାନଙ୍କ ପକ୍ଷରୁ ସୂଚନା ମିଳିଛି । ବସ୍‌ଟି ତାରଖୁଣ୍ଟି ଓ ଗଛ ଗୁଡିକୁ ଧକ୍କା ଦେବା ଫଳରେ ୬ଜଣ ଯାତ୍ରୀ ଗୁରୁତର ହୋଇଥିଲେ । ୩ଜଣଙ୍କୁ ମେଦିନୀପୁର ହସ୍‌ପିଲାଟ, ୩ଜଣଙ୍କୁ ଜିକେଭଙ୍ଗର ହସ୍‌ପିଟାଲରେ ଚିକିତ୍ସିତ କରାଯିବାପରେ ଅନ୍ୟଯାତ୍ରୀମାନଙ୍କ ସହିତ ଅନ୍ୟଏକ ବସ୍‌ରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି । ଦୁର୍ଘଟଣାସ୍ଥଳରେ ଘନ ଅନ୍ଧକାର ଥିବା ସତ୍ତ୍ୱେ ସ୍ଥାନୀୟ ବାସିନ୍ଦା ଏବଂ ପଶ୍ଚିମବଂଗ ପୁଲିସ୍ ସହାୟତାରେ ଉଦ୍ଧାରକାର୍ଯ୍ୟ କରାଯାଇଥିଲା ।

ଭୁବନରୁ ତିନୋଟି ଚୋରା ବାଇକ ଉଦ୍ଧାର

ଢ଼େଙ୍କାନାଳ,୨୭।୧ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଏନ.ଏ.ସି ଅଞ୍ଚଳରୁ ତିନୋଟି ଚୋରା ବାଇକ ଉଦ୍ଧାର କରାଯାଇଛି । ଖବର ନେବାରୁ ଜଣାଯାଇଛି, କଟକର ମଧୁପାଟଣା ଥାନା ଅଞ୍ଚଳରୁ ଚୋରି ହୋଇଥିବା ବାଇକଗୁଡ଼ିକୁ ମଧୁପାଟଣା ପୁଲିସ, ଭୁବନ ପୁଲିସ ସହାୟତାରେ ତିନୋଟି ଚୋରା ବାଇକ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ଏହି କାର୍ଯ୍ୟରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାକୁ ନେଇ ପୁଲିସ ପକ୍ଷରୁ ଖୋଳତାଡ଼ ଜାରି ରହିଛି ।

ଜଗତସିଂହପୁର ଜିଲ୍ଲା ସଦର ମହକୁମାରେ ୭୨ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଜଗତସିଂହପୁର,୨୭।୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ୭୨ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କୋଭିଡ୍-୧୯ ମାର୍ଗଦର୍ଶିକା ଅନୁଯାୟୀ ମହାସମାରୋହରେ ପାଳିତ ହୋଇ ଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଜାତୀୟ ପତାକା ଉତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ । ସାଧାରଣତନ୍ତ୍ର ଦିବସ ଅବସରରେ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରି କହିଲେ ୭୧ବର୍ଷ ପୂର୍ବେ ଆଜିକାର ଦିନରେ ୧୯୫୦ ମସିହାରେ ସମ୍ବିଧାନକୁ ସମ୍ମାନ ଜଣାଇ ଜାନୁୟାରୀ ୨୬କୁ ଗଣତନ୍ତ୍ର ଦିବସ ରୁପେ ଆମେ ପାଳନ କରି ଆସୁଛେ । ଧର୍ମ,ବର୍ଣ୍ଣ ,ଜାତି,ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ଆଜିର ଦିନକୁ ଉତ୍ସବମୁଖର ଭାବେ ପାଳନ କରିଥାନ୍ତି । ମହାମାରୀ କୋଭିଡ୍-୧୯ ପରିପ୍ରେକ୍ଷୀରେ ଏ ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯାଉଛି । ଆମର ସମ୍ବିଧାନ ପ୍ରଣିତା ସଭା ୧୯୪୯ ମସିହା ଜାନୁୟାରୀ ୨୬ ତାରିଖ ଦିନ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ଏହାର ଏକ ବର୍ଷ ପରେ ୧୯୫୦ ଜାନୁୟାରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ,ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଘୋଷିତ ହେଲା । ମୋର ମନେପଡେ ସେହି କରାଳ କରୋନା ମହାମାରୀ ଦିନ ଯେତେବେଳେ ଆମେ ସମସ୍ତେ ଭୀତତ୍ରସ୍ତ, ଏ ମଣିଷ ଜାତି ସନ୍ଦିହାନ,ନିଜର ଅସ୍ତିତ୍ୱକୁ ନେଇ ଦ୍ୱିଧା ଓ ଦ୍ୱନ୍ଦରେ, ସେତେବେଳେ ନିଜ ଜୀବନକୁ ଉତ୍ସର୍ଗ କରି ଆମ ଜିଲ୍ଲାର ପୁଲିସ,ପରିମଳ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ,ପରିବହନ କର୍ମଚାରୀ,ପ୍ରଶାସନିକ ଅଧିକାରୀ ଦିନରାତି ଏକାକାର କରି ଲୋକମାନଙ୍କର ସେବାରେ ଲାଗିଥିଲେ । ଆଜି ସେ କରାଳ ପରିସ୍ଥିତିର ଉପଶମ ଘଟିଛି । ଏହା ସମ୍ଭବ ହୋଇ ପାରିଛି । ଜନସାଧାରଣଙ୍କ ସଂପୂର୍ଣ୍ଣ ସହେଯାଗ ପାଇଁ । ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି । ଆମ ଜିଲ୍ଲା ଅଦ୍ୱିତୀୟ,ସଂସ୍କୃତି ସଂପନ୍ନ,ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହୋଇ ସଗର୍ବେ ମୁଣ୍ଡ ଟେକିଥିବା ଦୁଃସାହସିକ ଜନସାଧାରଣ, ଆଧାତ୍ମିକ ଚେତନାରେ ଉଦ୍‌ଭାସିତ,ସାଗର ତରଙ୍ଗରେ ଉତ୍‌ଫୁଲିତ, ଶସ୍ୟଶାମଳା ସବୁଜିମା ମଣ୍ଡିତ, ପୁଣି ନଭଶ୍ଚୁମ୍ବୀ ଶିଳ୍ପଚୂଳୀର ସଦର୍ପ ସମ୍ଭାଷଣ । ଏ ଜିଲ୍ଲାର ଔରସରୁ ଜନ୍ମନେଇଛନ୍ତି ଓଡିଆ ଜାତିର ମହାନ୍ ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର, ପ୍ରାଣକୃଷ୍ଣ ପଢିହ

ଆଇଟିଆଇ ଛକ ନୂଆ ଟ୍ରାଫିକ ପୋଷ୍ଟ ଉଦ୍‌ଘାଟିତ

ବାଲେଶ୍ୱର,୨୭।୦୧ (ନି.ପ୍ର): ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟି ଦ୍ୱାରା ନିର୍ମିତ ଆଇଟିଆଇ ଛକ ଟ୍ରାଫିକ ସିଗନାଲ ପୋଷ୍ଟ ଉଦ୍‌ଘାଟିତ ହୋଇଯାଇଛି । ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଏଣ୍ଡ କମର୍ସର ସଭାପତି ହିମାଂଶୁ ଦାସ ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ନବନିର୍ମିତ ଟ୍ରାଫିକ ପୋଷ୍ଟକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ସର୍ବଦା ସମାଜସେବାକୁ ବ୍ରତ ଭାବେ ଗ୍ରହଣ କରିଥିବା ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟିର ଏହି ଟ୍ରାଫିକ ପୋଷ୍ଟ ଏକ ଉଦାହରଣ ହୋଇ ରହିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ । ନିଜେ ଜଣେ ଲାୟନସ କ୍ଲବ ସଦସ୍ୟ ହୋଇଥିବାରୁ ନିଜକୁ ଗର୍ବିତ ମନେ କରୁଛନ୍ତି ବୋଲି ସେ ମତପ୍ରକାଶ କରିଥିଲେ । ପୂର୍ବରୁ ଅୟୋଜିତ ସଡ଼କ ସୁରକ୍ଷା ସମିତି ବୈଠକରେ ବାଲେଶ୍ୱର ସହରର ସାତଟି ପ୍ରମୁଖ ସ୍ଥାନରେ ଆକର୍ଷଣୀୟ ଟ୍ରାଫିକ ପୋଷ୍ଟ ନିର୍ମାଣ ପାଇଁ ନିଷ୍ପତି ନିଆଯାଇଥିଲା । ତେବେ ଆଇଟିଆଇ ଛକରେ ଏହି ପୋଷ୍ଟ ନିର୍ମାଣ ପାଇଁ ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟି ଆଗେଇ ଆସିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ । ଏହିଭଳି ଉଦ୍ୟମ ଅନ୍ୟମାନଙ୍କୁ ପ୍ରେରଣା ଦେବା ସହ ଆଗାମୀ ଦିନରେ ସହରର ସୌନ୍ଦର୍ଯ୍ୟକରଣ ପାଇଁ ଅନ୍ୟ ସଂଗଠନମାନେ ମଧ୍ୟ ଆଗେଇ ଆସିବାକୁ ଶ୍ରୀ ଚକ୍ରବର୍ତ୍ତୀ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଂଚଳିକ ପରିବହନ ଅଧିକାରୀ ରଶ୍ମିରଞ୍ଜିତ ଦଳବେହେରା, ଡିଏସପି ଉମେଶ କୁମାର ପଣ୍ଡା, ଟ୍ରାଫିକ ଥାନା ଅଧିକାରିଣୀ ମୋନାଲିସା କର ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟିର ସଭାପତି ପ୍ରକାଶ ମହାନ୍ତି ଏହି କାର୍ଯ୍ୟକ୍ରମରେ ପୌରହିତ୍ୱ କରିବା ସହିତ ସହରବାସୀଙ୍କ ସେବା ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଥିଲେ । ସଂଗଠନର ବରିଷ୍ଠ ସଦସ୍ୟ ସଂଗ୍ରାମ ଦାସ ଏଥିରେ ଉପସ୍ଥିତ ରହି ଲାୟନ୍‌ସ କ୍ଲବର କାର୍ଯ୍ୟଧାରା ଏବଂ ଆଗାମୀ ଦିନରେ ହାତକୁ ନିଆଯାଇଥିବା ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ । ଲାୟନସ କ୍ଲବ ୟୁଥ ପକ୍ଷରୁ ଅନ୍ୟ ଏକ ଟ୍ରାଫିକ ସିଗନାଲ ପୋଷ୍ଟ ସହରର ପୁଲିସ ଲାଇନ ଛକରେ ନିର୍ମାଣ କରାଯାଉଥିବା ସେ କହିଥିଲେ । ଲାୟନ୍‌ସ କ୍ଲବ ଅଫ ବାଲେଶ୍ୱର ସ୍ୟାଣ୍ଡ ସିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉଦଘାଟନୀ ଉତ୍ସବ ପରିଚାଳନା କରିଥିଲେ ।

ଭୁବନେଶ୍ୱରରେ ୭୨ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ଗତକାଲି ଭୁବନେଶ୍ୱରସ୍ଥ ମହାତ୍ମାଗାନ୍ଧୀ ମାର୍ଗରେ ୭୨ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ରାଜ୍ୟସ୍ତରୀୟ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । କେସିଙ୍ଗା ଏସ୍.ଡି.ପି.ଓ ମିସ୍ ଏସ୍ ସୁଶ୍ରୀ,ରାଜ୍ୟସ୍ତରୀୟ ପ୍ୟାରେଡ୍ ପରିଚାଳନା କରିଥିଲେ। ପ୍ୟାରେଡ୍ ପରିଚାଳନାରେ ଏସ୍.ଓ.ଜି, ଆସିଷ୍ଟାଂଟ କମାଣ୍ଡାଂଟ ରାଜେନ୍ଦ୍ର କୁମାର ବାରିକ, ଓ.ଏ.ପି.ଏସ୍., ଆସିଷ୍ଟାଂଟ କମିଶନର (ସଶସ୍ତ୍ର) ଓ.ଏସ୍.ଏ.ପି., ସପ୍ତମ ବାଟାଲିୟନ, ଭବାନୀ ପ୍ରସାଦ ଜେନା, ଭୁବନେଶ୍ୱର ଆଡ୍‌ଜୁଟାଂଟ ଭାବେ ପ୍ୟାରେଡ୍ ରେ ସହଯୋଗ କରିଥିଲେ। ରାଜ୍ୟ ପୋଲିସ ବ୍ରାସ୍ ବ୍ୟାଣ୍ଡ ପାର୍ଟି-୧, କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବାହିନୀ, ରେଳବାଇ ସୁରକ୍ଷା ବାହିନୀ, ଆଇ.ଆର/ ଏସ୍.ଆଇ.ଆର. ପ୍ଲାଟୁନ୍, ଓଡ଼ିଶା ରାଜ୍ୟ ପୋଲିସ, ଅଗ୍ନି ଶମ ବ୍ୟାଣ୍ଡ, ଓଡ଼ିଶା ତ୍ୱରିତ୍ କାର୍ଯ୍ୟବଳ, ଓଡ୍ରାଫ, ରାଜ୍ୟ ପୋଲିସ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ପୋଲିସ୍ ବ୍ରାସ୍ ବ୍ୟାଣ୍ଡ ପାର୍ଟି-୨ ପ୍ରମୁଖ ପ୍ୟାରେଡ୍‌ରେ ଅଂଶ ଗ୍ରହଣ କରିଥିଲେ।

ପଥପ୍ରାନ୍ତ ନାଟକ ଓ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ

ଉଦଳା,୨୭।୦୧ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ମାନଙ୍କରେ ଶ୍ରୀଦାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିର୍ଦ୍ଦେଶରେ ପଥପ୍ରାନ୍ତ ନାଟକ ଓ ପାଲା ପରିବେଷଣ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ସଂକ୍ରାମକ ରୋଗର ପ୍ରାଥମିକ ଚିକିତ୍ସା ଓ ଏଥିପାଇଁ ନିଆଯିବାକୁ ଥିବା ସତର୍କତା ସମ୍ପର୍କରେ ସଚେତନ କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ତାହା ଛଡ଼ା ମାତୃ ଓ ଶିଶୁଶୁ ମୃତ୍ୟୁହାର ରୋକିବା ପାଇଁ ଥିବା ସରକାରୀ ଯୋଜନା, ବିଭିନ୍ନ ପ୍ରକାର ଶିଶୁ ରୋଗ, ମାନସିକ ରୋଗ ଇତ୍ୟାଦି ପାଇଁ ମଧ୍ୟ ସଚେତନ କରାଯାଉଛି । ବିଶେଷ କରି ମ୍ୟାଲେରିଆ, ଡ଼ାଇରିଆ, ଯକ୍ଷ୍ମା ଇତ୍ୟାଦି ପାଇଁ ସତର୍କତା ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେପାଲା ପରିବେଷିତ ହେଉଛି । ଉକ୍ତ ସଚେତନତା ମୂଳକ କାର୍ଯ୍ୟକ୍ରମ ଡ଼ିହିରାକୁଳ ଗ୍ରାମରେ ଥିବା ରାଧାଗୋବିନ୍ଦ ସଂକିର୍ତ୍ତନ ପାଲା ମଣ୍ଡଳୀ ଦ୍ୱାରା ପ୍ରସ୍ତୁତ ହେଉଥିବା ବେଳେ ଦୋଳଗୋବିନ୍ଦ ପୃଷ୍ଟି ଏହାର ନେତୃତ୍ୱ ନେଇଛନ୍ତି । ଚଳିତ ଜାନୁଆରୀ ୨୩ ତାରିଖ ଠାରୁ ଏହା ଆରମ୍ଭ ହୋଇଥିବା ବେଳେ ୨୮ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ମୋଟ ୧ ସପ୍ତାହ ମଧ୍ୟରେ ୧୨ଟି ଗ୍ରାମରେ ଏହା ପରିବେଷିତ ହେଉଥିବାର ପାଲା ମଣ୍ଡଳୀ ତରଫରୁ କୁହାଯାଇଛି ।

ଉଦଳା ପ୍ରେସ କ୍ଲବ ତରଫରୁ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ

ଉଦଳା,୨୭।୦୧ (ନି.ପ୍ର): ଉଦଳା ପ୍ରେସ କ୍ଲବ ତରଫରୁ ୭୨ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ପ୍ରଭାତରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ କ୍ଲବ ପରିସରରେ ଲକତ୍ରୀତ ହେବା ସହିତ ସଫେଇ କାର୍ଯ୍ୟ କରିଥିଲେ । ଏହାପରେ କ୍ଲବର ସଭାପତି ଅରୁଣ କୁମାର ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିବା ପରେ ସମସ୍ତେ ଏକସ୍ୱରରେ ଜାତୀୟ ସଂଗୀତ ଗାନ କରିଥିଲେ । ପରେ ପରେ ଭାରତ ମାତାକି ଜୟ, ବନ୍ଦେ ମାତରଂ ଇତ୍ୟାଦି ସ୍ଲୋଗାନ ଦେଇଥିଲେ । ଏହାପରେ କ୍ଲବର ସଂପାଦକ ଜଗବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ 'ଦେଶରେ ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ଗଣମାଧ୍ୟମର ଭୂମିକା' ଶିର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷ୍ଣଚୈତନ୍ୟ ସଦୁଆଳ, ସୁବ୍ରତ କୁମାର ମହାନ୍ତି, ସାଲାଇ ମାର୍ଣ୍ଡି, ସୁରେଶ୍ୱର ଜେନା, ଯାଦବ ଘୋଷ, ଆନନ୍ଦ ଦାସ,ହିମାଦ୍ରୀ ଶେଖର ପାଲ, ସନ୍ତୋଷ ବେହେରା, ଚନ୍ଦ୍ରଶେଖର ପରିଡ଼ା, ରବିନ୍ ମହାନ୍ତି, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ ।

ସାଧାରଣତନ୍ତ୍ର ଦିବସରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣତନ୍ତ୍ର ଦିବସରେ ଶୁଭେଚ୍ଛା ଜଣାଇବା ସହ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ୭୨ତମ ସାଧାରଣତନ୍ତ୍ର ଦିବସ ଅବସରରେ ସଭିଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପ ନେବା। ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ଓଡ଼ିଶା ନିର୍ମାଣ ପାଇଁ ଆମେ ଦୃଢ ସଙ୍କଳ୍ପର ସହ ଆଗକୁ ବଢୁଛୁ। କଠିନ ପରିଶ୍ରମ, ଗଭୀର ନିଷ୍ଠା ଓ ସମସ୍ତଙ୍କ ସହଯୋଗ ହିଁ ଆମକୁ ଲକ୍ଷ୍ୟ ସ୍ଥଳରେ ପହଚାଇ ପାରିବ। ଏକ ନୂଆ ଓଡ଼ିଶା ଗଠନ ଦିଗରେ ଆମ ଉଦ୍ୟମରେ ମୁଁ ସମସ୍ତଙ୍କ ଆଶୀର୍ବାଦ କାମନା କରୁଛି। ଓଡ଼ିଶା ଆଜି ଦେଶର ବିକାଶ ମାନଚିତ୍ରରେ ନିଜର ସ୍ଥିତି ମଜବୁତ କରିପାରିଛି। କୃଷି, ଶିଳ୍ପ ଓ ଭିତ୍ତିଭୂମି ପରି ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିଭିନ୍ନ କଲ୍ୟାଣକାରୀ ଯୋଜନା ଲାଗୁ କରିବାରେ ଓଡ଼ିଶାର ସ୍ଥାନ ସାରା ଦେଶରେ ସ୍ୱତନ୍ତ୍ର। ଆମର କଲ୍ୟାଣକାରୀ କାର୍ଯ୍ୟ ଲୋକଙ୍କ ମୁହଁରେ ହସ ଭରିଛି ବୋଲି ସେ କହିଛନ୍ତି ।

ଓଡିଶାର ୬ ଜଣ ପଦ୍ମ ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୭।୦୧ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦ୍ମ ସମ୍ମାନ ପାଇଁ ନାମିତ ହୋଇଥିବା ଓଡିଶାର ୬ ଜଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ଓଡିଶାର ୬ ଜଣଙ୍କୁ ପଦ୍ମ ସମ୍ମାନ ମିଳିବା ଜଣେ ଓଡିଆ ଭାବେ ଅତ୍ୟନ୍ତ ଗର୍ବର ବିଷୟ । ଏଥି ପାଇଁ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ପ୍ରଥମ ଫ୍ୟାଟଲକ୍ସ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ମହାବୀର ସିକ୍‌ସର ଚମ୍ପିୟାନ

ନୀଳଗିରି,୨୭।୦୧ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଅଗ୍ରଣୀ କ୍ଲବ ଫ୍ୟାଟ ଲକ୍ସ ତରଫରୁ ୧୨ଦିନ ଧରି ଚାଲିଥିବା ପ୍ରିମିୟର ଲିଗ୍ ମ୍ୟାଚ୍ ଉଦଯାପିତ ହୋଇଯାଇଛି । ଉଦ୍‌ଯାପିତ ମ୍ୟାଚ ବା ଫାଇନାଲ ମ୍ୟାଚରେ ୟୁନାଇଟେଡ ସୁପର ଇଲେଭେନ୍ ସହ ମହାବୀର ସିକ୍ସର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ଓଭରରେ ମହାବୀର ସିକ୍ସର ୧ ଉଇକେଟ ରେ ବିଜୟ ଲାଭ କରି ସୁପର ଚମ୍ପିୟାନ ହୋଇଛି । ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓ.ସି.ଏ.ର ମୁଖ୍ୟ ଚୟନକର୍ତା ତଥା ପୂର୍ବତନ ଓଡ଼ିଶା କ୍ରିକେଟ ଟିମ୍‌ର କ୍ୟାପେଟନ ପ୍ରଭଞ୍ଜନ ମଲ୍ଲିକ ଯୋଗ ଦେଇ ଖେଳାଳୀମାନଙ୍କୁ ଖେଳୁଆଡ଼ ମନବୃତିରେ ଖେଳିବା ପାଇଁ ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବିଜେଡିର ରାଜ୍ୟ ସଂପାଦକ ଶଶୀ କୁମାର ସାହୁ ଉପସ୍ଥିତ ରହି କ୍ଲବର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସୁପର ଚମ୍ପିୟାନ ଟିମ୍ ମହାବୀର ସିକ୍ସର କୁ ୪୦ହଜାର ଏବଂ ରନର୍ସ ଅପ ଟିମ୍ କୁ ୩୦ ହଜାର ଅର୍ଥରାଶି ପୁରସ୍କାର ମୁଖ୍ୟ ଅତିଥି ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

ବର୍ଷୀୟାନ କବି ବଂଚ୍ଛାନିଧି ପଣ୍ଡାଙ୍କ ୧୦୩ତମ ଜୟନ୍ତି ପାଳିତ

ଖଇରା,୨୭।୦୧ (ନି.ପ୍ର): କବି ବଂଚ୍ଛାନିଧି ପଣ୍ଡାଙ୍କ ୧୦୩ତମ ଜନ୍ମ ଜୟନ୍ତି ବଣପାରିଆ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱ କାରିଥିବା ବେଳେ । କାର୍ଯ୍ୟକାରୀ ସଂପାଦକ ରଘୁନାଥ ପାତ୍ରୀ ସଂପାଦକୀୟ ପାଠ କରିଥିଲେ। କବି ପତ୍ନୀ ମାତା ଇନ୍ଦୁମତୀ ଦେବୀ ଉଦ୍‌ଘାଟନ କରିଥିଲା ବେଳେ ପଣ୍ଡିତ ବୁଦ୍ଧିରାମ ପାଣୀଗ୍ରାହି ବେଦପାଠ କରିଥିଲେ । ଉକ୍ତ ଅନୁଷ୍ଠାନର ସଂପାଦକ କବି ରାଧାଶ୍ୟାମ ପଣ୍ଡା କବି ବଂଚ୍ଛାନିଧିଙ୍କର ଗ୍ରନ୍ଥାବଳୀ ଉପରେ ଆଲୋକପାତ କରିଥିଲେ । ପ୍ରଫେସର ବ୍ରଜ ମୋହନ ମିଶ୍ର, ସମାଜ ସେବୀ ନରହରୀ ମହାନ୍ତି ଓ ଡ଼ ଭଗବାନ ବେହେରା କବିଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ ଅର୍ପଣ କରିଥିଲେ। ପୁତ୍ର ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ପଦ୍ମନାଭ ଶନ୍ଦିବିଗ୍ରହ କବିତାରେ ତାଙ୍କର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମବାସୀ ଓ ବଣପାରିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ କବିଙ୍କ ଫଟୋରେ ପୁଷ୍ପ ଗୁଚ୍ଛ ଅର୍ପଣ କରି କବିଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ନୌ ସେନାର କର୍ମଚାରୀ ଉଦୟ କୁମାର ପଣ୍ଡା କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କବି ଆମ ଅଂଚଳ ପାଇଁ ଗୌରବ ବୋଲି ପ୍ରକାଶଥିଲେ । ସର୍ବଶେଷରେ ପୁତ୍ରବଧୁ ସ୍ନେହଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବିନା ଏଣ୍ଟ୍ରାନ୍ସରେ ହେବ....

ଆଉ ଏହାକୁ ଆଧାର କରି ଓଡ଼ିଶା ଘରୋଇ ଇଞ୍ଜିନିୟରିଂ କଲେଜ ସଂଘ, ଓପେକା ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲା। ଏହି ପିଟିସନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ପକ୍ଷଭୁକ୍ତ କରାଯାଇଥିଲା। ଏହାର ଶୁଣାଣି କରି ହାଇକୋର୍ଟ ଓପେକା ସପକ୍ଷରେ ରାୟ ଦେଇଛନ୍ତି। ଅର୍ଥାତ ଯେଉଁମାନେ ଓ୍ୱାଇରର ବା ଡଓ୍ୱାଇରର ଦେଇନଥିବେ ସେମାନେ ବି ଇଞ୍ଜିନିୟରିଂ ପଢିପାରିବେ। ଏହାଦ୍ୱାରା ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ କଲେଜରେ ନାମ ଲେଖାଇ ପାରିବେ ବୋଲି ଆଶା ରଖି ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଚିଠି ଲେଖିଛି ଓପେକା। ଏହି ନିଷ୍ପତ୍ତିରେ ଛାତ୍ରଛାତ୍ରୀମାନେ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି। ସୁଯୋଗରୁ ବଞ୍ଚିତଙ୍କ ଲାଗି ଏହା ଆଉ ଏକ ସୁଯୋଗ ବୋଲି କିଛି କହିଥିବା ବେଳେ ବିନା ଜେଇଇ ବା ଓଜେଇଇରେ ଆଡମିଶନ୍ ଦ୍ୱାରା ମାନ ହ୍ରାସ ପାଇବ ବୋଲି ଆଉ କିଛି ଛାତ୍ର ମତ ଦେଇଛନ୍ତି। ସେପଟେ ବୈଷୟିକ ଶିକ୍ଷା ବିଶେଷଜ୍ଞଙ୍କ ମତରେ ଆଡମିଶନ୍ ପାଇଁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ ହେବା କଥା। ତେବେ ପ୍ରତିବର୍ଷ ଇଞ୍ଜିନିୟରିଂ ଆଡମିଶନରେ ପରିବର୍ତ୍ତନ ଛାତ୍ରଛାତ୍ରୀଙ୍କ ହିତରେ ଯାଉନି। ରାଜ୍ୟରେ ୮୦ଟି ଘରୋଇ ଓ ୮ଟି ସରକାରୀ ଇଞ୍ଜିନିୟରିଂ କଲେଜ୍ ଅଛି। ଏସବୁରେ ପ୍ରାୟ ୩୦ହଜାର ସିଟ୍ ରହିଛି। ତେବେ ଚଳିତ ବର୍ଷ ଆଡମିଶନ୍ ମାତ୍ର ୧୨ ହଜାର ସିଟରେ ହୋଇଛି। ଅର୍ଥାତ୍ ଖାଲି ପଡ଼ିଛି ୧୮ ହଜାର ସିଟ୍। ସରକାରୀ କଲେଜରେ ସିଟ୍ ପୂରଣ ହୋଇସାରିଥିବା ବେଳେ ଘରୋଇ କଲେଜରେ ସିଟ୍ ଯଥେଷ୍ଟ ଖାଲି ରହିଛି। ଏହି ନିଷ୍ପତ୍ତି ଦ୍ୱାରା ଆଡମିଶନରେ ସାମାନ୍ୟ ବୃଦ୍ଧି ଘଟିପାରେ, କିନ୍ତୁ ଏହା ସ୍ଥାୟୀ ସମାଧାନ ନୁହେଁ ବୋଲି ଶିକ୍ଷାବିତମାନେ ମତ ଦେଇଛନ୍ତି।

ମାର୍ଚ୍ଚରେ ଅନୁଷ୍ଠିତ ହେବ....

ତେବେ ପ୍ରତିଥର ଚଳଚ୍ଚିତ୍ରରେ ୨୭ଟି ବିଭାଗ ଏବଂ ଟେଲି ପୁରସ୍କାର ପାଇଁ ୨୦ଟି ବିଭାଗରେ ଏହି ପୁରସ୍କାର ପ୍ରଦାନ ସକାଶେ ଦରଖାସ୍ତ ଆହ୍ୱାନ କରାଯାଇଥିବା ବୁଧବାର ଅନୁଷ୍ଠିତ ବିଭାଗୀୟ ବୈଠକରେ ପ୍ରକାଶ କରାଯାଇଥିଲା । ଚଳିତଥର ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଏହି ଉତ୍ସବ ଆୟୋଜନ କରିବ ଏବଂ ଜୁରୀ ଚୟନ ଓ ପୁରସ୍କାର ବୃଡାନ୍ତ କାର୍ଯ୍ୟ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ କରାଯିବ । ବୈଠକରେ କୋଭିଡ ନିୟମ ଅନୁସରଣପୂର୍ବକ ବିଶିଷ୍ଟ ଅତିଥିଙ୍କ ଦ୍ୱାରା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା, ନାମୀଦାମୀ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା: ପୁରସ୍କାର ରାଶିକୁ ବୃଦ୍ଧି କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲ । ଏହି ବୈଠକରେ ଓଡ଼ିଶା ଭାଷା ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ ଶ୍ରୀ କୁନା ତ୍ରିପାଠୀ, ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ପର୍ଯ୍ୟଟନ ନିର୍ଦ୍ଦେଶକ ଶ୍ରୀ ସଚିନ ରାମଚନ୍ଦ୍ର ଯାଦ

ଗୁରୁବାର,୨୮ ଜାନୁଆରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ : ଖୋଲିଲା କାଠଗୋଛି ଖାଦାନ

ନୀଳଗିରି,୨୭।୦୧ (ନି.ପ୍ର):ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓଡିଶାରେ ପ୍ରଥମ ଖାଦାନ ଭାବେ କାଠଗୋଛି ଖାଦାନକୁ ନୀଳଗିରି ତହସିଲ, ଖାଦାନ ଓ ପଥର ଶିଳ୍ପ ସଂଗଠନକୁ କାର୍ଯ୍ୟାଦେଶ ଦେଇଛି। ନୀଳଗିରି ଏକ ଆଦିବାସୀ ବହୁଳ ଭାବେ ପରିଗଣିତ ହେଉଥିବା ବେଳେ ଏଠିକାର ଆଦିବାସୀ ସଂପ୍ରଦାୟର,ଏଠିକାର ବାସିନ୍ଦା ମୁଖ୍ୟତଃ ପତର ଓ ପଥର ଉପରେ ନିର୍ଭରଶୀଳ। ୨୦୧୨ ମସିହା ଠାରୁ ନୀଳଗିରି ଅଂଚଳର ଖଣିଖାଦାନ ବନ୍ଦ ରହିଥିବା ବେଳେ ଅନେକ ଦାଦନ ଖଟିବା ପାଇଁ ବାହାରକୁ ଯାଇଛନ୍ତି । ପରିବାର ଭରଣପୋଷଣ କରିବାରେ ବାଧକ ସାଜିଛି ବନ୍ଦ ଖଣି ଖାଦାନ । କେ.ପି. ଲାଖରାଜ ପଂଚାୟତର କାଠଗୋଛି ପଥର ଖାଦାନ ଖୋଲିବ ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଡବ୍ଲୁ.ପି.ସି. ନଂ. ୧୨୦୮୪/୧୯ ରେ ନିର୍ଦ୍ଦେଶ ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକ୍ରିୟା ସରିଲା ପରେ ନୀଳଗିରି ତହସିଲଦାର ୫ବର୍ଷିଆ ଲିଜ ସୂତ୍ରରେ କାଠଗୋଛି ପଥର ଖାଦାନକୁ ନୀଳଗିରି ଖାଦାନ ଓ ପଥର ଶିଳ୍ପ ସଂଗଠନ, ମିତ୍ରପୁରକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଏହି ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଂଚଳର ଗରିବ ଜନସାଧାରଣ, ଶିକ୍ଷିତ ବେକାର ଯୁବକ, କ୍ଷୁଦ୍ର ବ୍ୟବସାୟୀ,ଗାଡି ଚାଳକ ମନରେ ଖୁସିର ଲହରୀ ଖେଳିଯାଇଛି। ମାତ୍ର ଖାଦାନ ଅପରେସନ କରିବାକୁ ଯାଇଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହାକୁ ବିରୋଧ କରିବା ଘଟଣାକୁ ନେଇ ନୀଳଗିରି ଖାଦାନ ଓ ପଥର ଶିଳ୍ପ ସଂଗଠନ ମିତ୍ରପୁର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ସଂଗଠନର ସଭାପତି ଶାନ୍ତନୁ ମହାପାତ୍ର ମାନ୍ୟବର ଉଚ୍ଚ ନ୍ୟାୟାଳୟ , ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ନୀଳଗିରି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସମସ୍ତ ଦସ୍ତାବିଜ୍ ପ୍ରସ୍ତୁତି କରାଯାଇଥିବା ବେଳେ ସମସ୍ତ ତଦନ୍ତ ରିପୋର୍ଟକୁ ପାଥେୟ କରି ନୀଳଗିରି ତହସିଲଦାର ପକ୍ଷରୁ ଖାଦାନ ଅପରେସନ ପାଇଁ ଚିଠି ନଂ. ୩୧, ତା.୦୪.୦୧.୨୧ ରିଖରେ ନିର୍ଦ୍ଦେଶ ଦେଇଥିବାର ଶାନ୍ତନୁ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଖାଦାନ ଚାଲିଲେ ସ୍ଥାନୀୟ ଗରିବ ଖଟିଖିଆ ଆଦିବାସୀ ପରିବାର ଖାଦାନ ଖୋଲିଲେ ସେମାନେ ନିଜର ଜୀବିକା ନିର୍ବାହ ସହ ପରିବାର ଭରଣପୋଷଣ କରିପାରିବେ ।

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ବାଲେଶ୍ୱର,୨୭।୦୧ (ନି.ପ୍ର): ବାଲେଶ୍ୱରାରେ ଜିଲ୍ଲାସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ପାଳିତ ହୋଇଯାଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ ସହ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିଶେଷ ଭୂମିକା ରହିଥିବା ସେ କହିଥିଲେ। ଇରମ, ଇଂଚୁଡିର ପବିତ୍ର ଭୂମି ହେଉଛି ଦେଶ ଓ ଜାତି ପାଇଁ ନିରସ୍ତ୍ର ଜନତାଙ୍କ ଆତ୍ମୋତ୍ସର୍ଗର ମହାପର୍ବ । ନୀଳଗିର ଉପଖଣ୍ଡର ଅଧିବାସୀ ଦେଶୀୟ ରାଜ୍ୟ ମିଶ୍ରଣ ପ୍ରକ୍ରିୟାରେ ସର୍ବପ୍ରଥମେ ସାମିଲ ହୋଇ ସମଗ୍ର ଭାରତକୁ ଦିଗ୍‌ଦର୍ଶନ ଦେଇଥିଲେ । ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ସହ ସ୍ୱତନ୍ତ୍ର ଭାଷା ଭିତିକ ଉତ୍କଳ ପ୍ରଦେଶ ଗଠନ ପାଇଁ ବାଲେଶ୍ୱର ମାଟିର ସୁଯୋଗ୍ୟ ସନ୍ତାନ ଫକୀରମୋହନ ସେନାପତିଙ୍କ ସମେତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବି ବାଂଛାନିଧି ମହାନ୍ତି, ଡଃ ହରେକୃଷ୍ଣ ମହତାବ, ନନ୍ଦ କିଶୋର ଦାସ, ମୁକୁନ୍ଦ ପ୍ରସାଦ ଦାସ, ସର୍ଦ୍ଦାର ସୁରେନ୍ଦ୍ର ନାଥ ଦାସ ପ୍ରମୁଖ ଆମ ପାଇଁ ଚିର ସ୍ମରଣୀୟ । ସେହି ପୂର୍ବସୂରୀଙ୍କ ତ୍ୟାଗ ଓ ସାଧନାର ସ୍ମୃତିଚାରଣ କରି ସେମାନଙ୍କ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ସଂକଳ୍ପ ନେବାକୁ ମନ୍ତ୍ରୀ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଅନ୍ୟପକ୍ଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ବିକାଶର ଧାରା ଅବ୍ୟାହତ ରହିଥିବା ସେ କହିଥିଲେ । ବିଗତ ୨୦ ବର୍ଷ ଧରି ରାଜ୍ୟରେ ଏକ ନିରବଚ୍ଛିନ୍ନ, ସ୍ଥିର ପ୍ରଗତିଶୀଳ ସରକାର ଚାଲିବା ରାଜ୍ୟବାସୀଙ୍କ ପାଇଁ ସୌଭାଗ୍ୟର ବିଷୟ । ଏବେ ପ୍ରଗତି ଆମ ପାଇଁ ପରମ୍ପରାରେ ପରିଣତ ହୋଇଛି । ଅନୁରୂପ ଭାବେ ବାଲେଶ୍ୱର ଜିଲ୍ଲାର ବିକାଶ ଏବେ ତ୍ୱରାନ୍ୱିତ ହୋଇଛି । ଫକୀରମୋହନ ମେଡିକାଲ କଲେଜ ପାଇଁ ୨୬୨କୋଟି ଟଙ୍କା ବ୍ୟୟ ଅଟକଳରେ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସପିଟାଲ ସ୍ଥାପନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଖୁବଶୀଘ୍ର ଏଏନଏମ ଓ ଜିଏନଏମଙ୍କ ତାଲିମ ପାଇଁ ନୂତନ କଲେଜ ବିଲ୍ଡିଂ କାମ ଆରମ୍ଭ ହେବ। ପନ୍ତେଇ ଘାଟ ଠାରେ ପୋଲ ନିର୍ମାଣ ଏବେ ସାକାର ହେବାକୁ ଯାଉଛି । ତାଳସାରୀ-ଉଦୟପୁର ବେଳାଭୂମିକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ରାଜ୍ୟ ସରକାର ୩୦କୋଟି ଟଙ୍କା ମଞ୍ଜୁର କରିଛନ୍ତି । ତାଳସାରୀ-ଚନ୍ଦନେଶ୍ୱର-ଉଦୟପୁର ରାସ୍ତାରେ ଆଲୋକୀକରଣ ପାଇଁ ୭କୋଟି ଟଙ୍କାର ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ ଓ ଚନ୍ଦନେଶ୍ୱର ମନ୍ଦିରର ଉନ୍ନତିକରଣ ପାଇଁ ୩କୋଟି ଟଙ୍କା ମଞ୍ଜୁର ହୋଇଥିବା ମାନ୍ୟବର ମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି ପୌରାଂଚଳର ବିଭିନ୍ନ ବସ୍ତି ଅଂଚଳରେ ୮ଟି "ପରିଚୟ" ଗୃହ ସ୍ଥାପନ କରାଯାଇଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧ତମ ଜାତୀୟ ମତଦାତା ଦିବସ ପାଳିତ

ଭଦ୍ରକ,୨୭।୦୧ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୧ତମ ଜାତୀୟ ମତଦାତା ଦିବସ ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଉପଜଲ୍ଲାପାଳ ପୀତାମ୍ବର ସାମଲଙ୍କ ପୌରୋହିତ୍ୟରେ ଉତ୍ସବ ପାଳନ କରାଯିବା ସହ ଭୋଟର ସଚେତନତା ନେଇ ବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ଆଦି ବିଷୟରେ ପ୍ରତିଯୋଗିତାମାନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଯୋଗ ଦେଇ ଭାରତର ନାଗରିକ ଭାବେ ଗଣତନ୍ତ୍ର ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରିବା ସହିତ ଗଣତାନ୍ତ୍ରିକ ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଉଚିତ। ନିର୍ବାଚନକୁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା କ୍ଷେତ୍ରରେ ସହଯୋଗ ଜାରି ରଖିବା ସହିତ ମାନବିକ ଅଧିକାର ଭାବେ ନିଶ୍ଚିତ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୨୦ଜଣ ନୂତନ ଭୋଟରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ୮ଜଣ ବୁଥ୍ ଲେବୁଲ ଅଫିସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଉପଜିଲ୍ଲାପାଳ ତଥା ଡେପୁଟି କଲେକ୍ଟର (ନିର୍ବାଚନ) ମନୋରମା ଭୁୟାଁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ନୂତନ ଭୋଟର,ବୁଥ ଲେବୁଲ ଅଫିସରମାନେ ଯୋଗ ଦାନ କରିଥିଲେ।

ଧାମନଗରର ଜାତୀୟ ଭୋଟର ଦିବସ ପାଳିତ

ଧାମନଗର,୨୭।୦୧ (ନି.ପ୍ର): ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଧାମନଗର ଏନ୍‌ଏସି ଅନ୍ତର୍ଗତ ତାଳପଦା ନୋଡ଼ାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଡ଼ିଓ ଦୁର୍ଗାଚରଣ ମୁର୍ମୁ, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଜିପିଓ ମାନସ କୁମାର ଜେନା, ବିଏଲ୍‌ଓ ସୁପର ଭାଇଜର ଗଙ୍ଗାଧର ରାଉତ, ମନୋଜ କୁମାର ସିଂ, ହେମେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏଲ୍‌ଓ ଜାନକି ଲତା ଦାଶ, ପଦ୍ମାଳୟା ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେହିପରି ଅନନ୍ତକେଶରୀ ଉପ୍ରା ଓ ଜୟନଗର ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏଲ୍‌ଓ ସୁପର ଭାଇଜର ମନୋଜ କୁମର ଜେନା, ବିଏଲ୍‌ଓ ପଦ୍ମିନି ରାଉତ, ଜୟନ୍ତୀ ବେହେରା, କଳ୍ପନା ରାଉତ, ସେକ୍ ସଲିମ, କଳ୍ପନା ତ୍ରିପାଠୀ, ନିରୁପମା ବାରିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନୂତନ ଭୋଟର ମାନଙ୍କୁ ଏକ ସଂକଳ୍ପ ପତ୍ର ମାଧ୍ୟମରେ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ମୁକ୍ତ, ଅବାଧ ଓ ଶାନ୍ତି ପୂର୍ଣ୍ଣ ନିର୍ବାଚନରେ ଅଂଶ ଗ୍ରହଣ କରି କୌଣସି ପ୍ରଲୋଭନରେ ବସବର୍ତ୍ତୀ ନହେବାପାଇଁ ଶପଥ କରାଯିବା ସହ ଭୋଟ ପରିଚୟପତ୍ର ପ୍ରଦାନ କରାଯାଇଥିଲା।

ଦୁର୍ନୀତି ଓ କାର୍ଯ୍ୟର ଅବହେଳା ପାଇଁ ନିଲମ୍ବିତ ହେଲେ ନୀଳଗିରି ଲ୍ୟାମ୍ପର ଏମ.ଡି.

ନୀଳଗିରି ,୨୭।୦୧ (ନି.ପ୍ର): ନୀଳଗିରି ଲ୍ୟାମ୍ପର ଏମ.ଡି. ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟର ଅବହେଳା ପାଇଁ ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଲକ୍ଷ୍ମୀଧର ରାଉତ ତାଙ୍କୁ ନିଲମ୍ବିତ କରିଛନ୍ତି । ବିଶେଷ କରି ଏମ.ଡି. ଶ୍ରୀ ନାୟକ ଋଷୀଙ୍କୁ ସହଯୋଗ ନ କରିବା, ମଣ୍ଡିରେ ଧାନ କିଣାରେ ଅନିୟମିତତା, ଋଷୀଙ୍କୁ ଦୁର୍ବ୍ୟବହାର , ଋଷୀଙ୍କ ନାମ ପଞ୍ଜିକରଣରେ ଅନିୟମିତତାକୁ ଆଧାର କରି ନିଲମ୍ବିତ କରାଯାଇଥିବାର ସହକାରୀ ନିବନ୍ଧକ ସୂଚନା ଦେଇଛନ୍ତି । ମାଟିଆଳି ଲ୍ୟାମ୍ପର ଏମ.ଡି. ସୁବଳ କିଶୋର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିବାର ଜଣାପଡ଼ିଛି ।

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳିତ

ଭଦ୍ରକ,୨୭।୦୧ (ନି.ପ୍ର): ଭଦ୍ରକ ନେହେରୁ ଷ୍ଟାଡିୟମ ପଡିଆରେ ଜିଲ୍ଲା ସ୍ତରୀୟ ୭୨ତମ ସାଧାରଣତନ୍ତ୍ର ଦିବସ ଉତ୍ସବ କୋବିଡ ନିୟମ ମାନି ନିରାଡମ୍ବର ଭାବେ ସୀମିତ ଅତିଥିଙ୍କ ଉପସ୍ଥିତିରେ ପାଳିତ ହୋଇ ଯାଇଛି । ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସକାଳ ଠିକ ୮ଟା ୩୦ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ । କେବଳ ପୁଲିସର ୨ଟି ବାହିନୀ ଏଥିରେ ଭାଗ ନେଇ ଜାତୀୟ ପତାକାକୁ ସଲାମୀ ଦେଇଥିଲେ। ଜିଲ୍ଲାପାଳ ଡ. ଦାସ ଏହି ଅବସରରେ ଭଦ୍ରକର ବରପୁତ୍ରମାନଙ୍କୁ ସ୍ମରଣ କରିବା ସହିତ ସମ୍ପ୍ରତି ସମଗ୍ର ବିଶ୍ୱକୁ ଗ୍ରାସିଥିବା କରୋନା ମହାମାରୀ ସହ ଲଢେଇ କରି ଏବେ ସ୍ଥିତି ସାମାନ୍ୟ ନିୟନ୍ତ୍ରଣାଧୀନ ହୋଇଥିବାରୁ ସମସ୍ତ କରୋନା ଯୋଦ୍ଧା ତଥା ଭଦ୍ରକବାସୀଙ୍କ କୃତଜ୍ଞତା ଜଣାଇଥିଲେ। କରୋନା ମୁକାବିଲାରେ ଯୋଦ୍ଧା ଭାବେ ନିଜକୁ ସମର୍ପଣ କରି ଦିନରାତି ଯେଉଁମାନେ ଯୁଦ୍ଧ କରି ପ୍ରାଣବଳୀ ଦେଇଛନ୍ତି, ସେମାନଙ୍କୁ ଶ୍ରଦ୍ଧା ସୁମନ ନିବେଦନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓମ୍ ପ୍ରକାଶ ପାଣିଗ୍ରାହୀ, ରିତିକା ଋତୁପର୍ଣ୍ଣା ସାହୁ ଏବଂ ଶ୍ରାବଣୀ ମିଶ୍ର, ପ୍ରବନ୍ଧ ପ୍ରତିଯୋଗିତାରେ ସ୍ୱୟମ୍‌ସ୍ମିତା ବେହେରା, ସୁଶ୍ରୀ ଅଲିଭା ପଣ୍ଡା, ମହେକ ପରଓ୍ୱିନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବେଳେ କୋଭିଡ୍ ଯୋଦ୍ଧା ଭାବେ ଜିଲ୍ଲା ଆଞ୍ଚଳିକ ପରିବନହନ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଧାମନଗର ମେଡ଼ିକାଲ ଅଫିସର ଡା. ଦୀପକ କୁମାର ନାୟକ, ନାଇକାଣିଡିହି ଥାନାର ସବ୍‌ଇନିସ୍ପେକ୍ଟର ନିରୋଦ କୁମାର ମଲ୍ଲିକ, ଭଦ୍ରକ ଟାଉନ ଥାନାରେ କାର୍ଯ୍ୟରତ ଓଏପିଏମ୍/୨୪ ରତିକାନ୍ତ ନାଏକ, କନଷ୍ଟେବଳ ରାଜେଶ ରାଉତ, ଆଶାକର୍ମୀ ସିପ୍ରା ନସିମ୍ କାଦ୍ରୀ, ଏଏନ୍‌ଏମ୍ ଡ଼ଲି ରାଉତ, ଅଙ୍ଗନୱାଡ଼ି କର୍ମୀ ପ୍ରମୋଦିନୀ ଜେନା, ପଦ୍ମାବତୀ ରାଉତ ଓ ରାଧାରାଣୀ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ପଦ୍ମ ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ପଦ୍ମ ସମ୍ମାନ ପାଇଁ ନାମ ଘୋଷଣା କରା ଯାଇଥିବା ସୁଦର୍ଶନ ସାହୁ, ଶାନ୍ତି ଦେବୀ , ପୂର୍ଣ୍ଣମାସୀ ଜାନୀ , ରଜତ କୁମାର କର, ଡ କୃଷ୍ଣ ମୋହନ ପାଠୀ ତଥା ନନ୍ଦ ପୃଷ୍ଟିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟନ ଟ୍ୱିଟ କରି ଏମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଭବିଷ୍ୟତରେ ସଫଳତା କାମନା କରିଛନ୍ତି ।

ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟଭାର ଗ୍ରହଣ

ଭଦ୍ରକ,୨୭।୦୧ (ନି.ପ୍ର):ଆଜି ଭଦ୍ରକର ନୂତନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାବେ ଇନ୍ଦ୍ରମଣି ନାୟକ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଯୁଗ୍ମ ଶାସନ ସଚିବ ଭାବେ ବଦଳି ହେବା ପରେ ଶ୍ରୀଯୁକ୍ତ ନାୟକ ଶ୍ରୀଯୁକ୍ତ ମିଶ୍ରଙ୍କଠାରୁ ଦାୟିତ୍ୱ ଭାର ନେଇଛନ୍ତି। ଶ୍ରୀଯୁକ୍ତ ନାୟକ ଏଥି ପୂର୍ବରୁ ଯାଜପୁର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ସେ ଦାୟିତ୍ୱ ନେବା ପରେ କଲେକ୍ଟୋରିଏଟର ବିଭିନ୍ନ ବିଭାଗ ବୁଲି ଦେଖିବା ସହିତ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭଦ୍ରକବାସୀଙ୍କ ସହଯୋଗରେ ଜିଲ୍ଲାର ଉନ୍ନତି ପାଇଁ ସେ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରିବେ ବୋଲି ଯୋଗଦାନ ପରେ କହିଥିଲେ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

ଭୁବନେଶ୍ୱର,୨୭।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୩୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୨,୪୮,୯୦୦ ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଜିଲ୍ଲା କଂଗ୍ରେସ ପକ୍ଷରୁ ୭୨ତମ ଗଣତନ୍ତ୍ର ଦିବସ ପାଳିତ

ଭଦ୍ରକ,୨୭।୦୧ (ନି.ପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୭୨ତମ ଗଣତନ୍ତ୍ର ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ପାଳନ କରାଯାଇଥିଲା। ଜିଲ୍ଲା ସଭାପତି ସୁବ୍ରତ ଦାସ ପତାକା ଉତ୍ତୋଳନ କରି ଦେଶ ମାତୃକାକୁ ସ୍ୱାଧୀନ କରିଥିବା ବରପୁତ୍ର ଏବଂ ଭଦ୍ରକ ମାଟିର ସହିଦଙ୍କ ସ୍ମୃତିଚାରଣ କରିଥିଲେ। ଭଦ୍ରକମାଟି ବୀର ମାଟି। ସ୍ୱାଧୀନତା ଆନ୍ଦୋଳନରେ ଏହି ମାଟିରେ ଦ୍ୱିତୀୟ ଜାଲିଓ୍ୱାନାଲାବାଗ୍ ସୃଷ୍ଟି ହୋଇଥିଲା। ଆଜିର ଦିନରେ ବୀର ପୁରୁଷଙ୍କୁ ମନେ ପକାଇ ସେମାନଙ୍କୁ ଶ୍ରଦ୍ଧାଂଜଳି ଅର୍ପଣ କରିବା ସହିତ ଦେଶ ପାଇଥିବା ବାସ୍ତବ ସ୍ୱାଧୀନତାକୁ ସମ୍ମାନ ପ୍ରଦାନ କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ପତାକା ଉତ୍ତୋଳନ ପରେ ସମସ୍ତେ ଜାତୀୟ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବିଧାନସଭା ନେତା ନଳିନୀକାନ୍ତ ମହାନ୍ତି, ଦିଲିପ ନାୟକ, ଅବଦୁଲ ମୁକିତ ଖାଁ, ପ୍ରଫୁଲ୍ଲ ସାମଲ,ଦେବେନ୍ଦ୍ର ମହାନ୍ତି, ଆଶିଷ ରାଉତ, ପ୍ରଦ୍ୟୁମ୍ନ ଦାସ, ରାଜକିଶୋର ସ୍ୱାଇଁ, ପୀତବାସ ଧଳ, ନିଶିକାନ୍ତ ନାୟକ, ସେକ୍ ସମଦାନୀ, ସେକ୍ ଇଲିୟାସ, ସେକ୍ ବବି, ସେକ୍ ଫରିଜୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲା ମହକୁମା ବାରିପଦାରେ ୭୨ତମ ସାଧାରଣତନ୍ତ୍ର ଦିବସ ଜାତୀୟ ଉତ୍ସବ ପାଳିତ

ବାରିପଦା,୨୭।୦୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ ୭୨ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ଜାତୀୟ ଉତ୍ସବ ଚଳିତ ବର୍ଷ କୋଭିଡ ନିୟମ ଅନୁପାଳନ ପୂର୍ବକ ସୀମିତ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାରିପଦା ରିଜର୍ଭ ପୋଲିସ ପଡିଆଠାରେ ଆୟ